R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୪
ତିଥି : ଦ୍ୱିତୀୟା
୧୯ ଅକ୍ଟୋବର ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

28th ANNIVERSARY

Bhubaneswar | Balasore | Angul | Berhampur | Sambalpur | Jeypore

### ବାଲ୍ୟ ବିବାହ ନିରୋଧ ଆଇନ୍‌କୁ କଠୋର ଭାବେ କାର୍ଯ୍ୟକାରୀ କର

# ପରମ୍ପରା ଅନୁଯାୟୀ ଅଣଦେଖା କରାନଯାଉ



ନୂଆଦିଲ୍ଲୀ, ୧୮।୧୦ : ପରମ୍ପରା ଅନୁଯାୟୀ ବ୍ୟକ୍ତିଗତ ଆଇନ ଜରିଆରେ ବାଲ୍ୟ ବିବାହ ଆଇନକୁ ଅଣଦେଖା କରାଯାଇ ପାରିବ ନାହିଁ । ଜୀବନ ସାଥୀ ବାଛିବା ପାଇଁ ସମସ୍ତେ ମୁକ୍ତ ହେବା ଆବଶ୍ୟକ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି । ନିଜ ପସନ୍ଦର ଜୀବନସାଥି ବାଛିବା ପାଇଁ ଏହା ସ୍ୱତନ୍ତ୍ର ଇଚ୍ଛାଶକ୍ତିର ଉଲ୍ଲଂଘନ । ଏହାଦ୍ୱାରା ସେମାନଙ୍କ ପସନ୍ଦର ଜୀବନସାଥି ବାଛିବା ବିକଳ୍ପ ଶେଷ ହୋଇଯାଏ । ଏକ ଏନ୍‌ଜିଓ ଦ୍ୱାରା ଦାଖଲ କରାଯାଇଥିବା ପିଟିସନ୍‌ର ଅଭିଯୋଗ ଥିଲା ଯେ ରାଜ୍ୟସ୍ତରରେ ଶିଶୁ ବିବାହ ନିଷେଧ ଆଇନ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ଯେଉଁଥିପାଇଁ ବାଲ୍ୟ ବିବାହ ମାମଲା ବଢ଼ିବାରେ ଲାଗିଛି ।

ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲ୍ୟ ବିବାହ ନିରୋଧ ଆଇନର ଦକ୍ଷତାର ସହ ପ୍ରଣୟନ ଲାଗି ଏକ ଗାଇଡ୍ ଲାଇନ ପ୍ରଦାନ କରିଛନ୍ତି । ବାପ-ମା'ଙ୍କ ଦ୍ୱାରା ନିଜର ନାବାଳକ ପୁଅ-ଝିଅଙ୍କ ବିବାହ ପାଇଁ ନିର୍ବନ୍ଧ କରିଦିଆଯାଏ । ଏଭଳି କରିବା ସେମାନଙ୍କ ଜୀବନ

### ସୁପ୍ରିମ୍‌କୋର୍ଟ ଜାରିକଲେ ଗାଇଡ୍‌ଲାଇନ୍

ସାଥି ବାଛିବା ପାଇଁ ଥିବା ସ୍ୱାଧୀନ ଇଚ୍ଛାଶକ୍ତିର ଉଲ୍ଲଂଘନ ଅଟେ । ଖଣ୍ଡପୀଠ କହିଛନ୍ତି ଯେ ବାଲ୍ୟ ବିବାହ ନିରୋଧ ଆଇନ ସବୁ ବ୍ୟକ୍ତିଗତ ଆଇନଠାରୁ ଊର୍ଦ୍ଧ୍ୱରେ । ସଂସଦରେ ଏହା ଏବେ ବିଚାରାଧୀନ ରହିଛି । ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି ଯେ ବ୍ୟକ୍ତିଗତ ଆଇନରୁ ଊର୍ଦ୍ଧ୍ୱରେ ପିସିଏମ୍‌ଏ'କୁ ରଖାଯାଉ । ପ୍ରଧାନ ବିଚାରପତି ତାଙ୍କ ରାୟରେ ଏଥିରେ ବିସ୍ତୃତ ସୂଚନା ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ପିସିଏମ୍‌ଏ ବାଲ୍ୟ ବିବାହକୁ ବିରୋଧ କରୁଛି । ବାଲ୍ୟ ଅବସ୍ଥାରେ ବିବାହ ସ୍ଥିର କରିବା ସାମାଜିକ ସ୍ତରରେ ଏକ ଅସନ୍ତୁଳନ ସୃଷ୍ଟି କରୁଛି । ଏହା ବାଛିବାର ଅଧିକାରକୁ ଉଲ୍ଲଂଘନ କରୁଛି । ଜୀବନ ସାଥୀ ଜୀବନ ଲାଗି ବାଛିବାର ଅଧିକାର ସମସ୍ତଙ୍କର ରହିବା ଉଚିତ । ଜଣେ ପରିପକ୍ୱ ହେଲାପରେ ଏହି ନିଷ୍ପତ୍ତି ନେଇପାରିବ । ବାଲ୍ୟ ବିବାହ ଦ୍ୱାରା ବାଳକମାନଙ୍କର ଅନଭିଜ୍ଞତାକୁ ନେଇ ସେମାନଙ୍କ ଉପରେ ଏହା ଲଦି ଦିଆଯାଉଛି । ବିଶେଷକରି ଝିଅଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି । ଲିଙ୍ଗ, ଜାତି, ସାମାଜିକ ଓ ଆର୍ଥିକ ସ୍ଥିତି ଏଥିରେ ସମ୍ପୃକ୍ତ ରହୁଛନ୍ତି । ଯାହାଫଳରେ କି ଆଗୁଆ ବିବାହ ଦ୍ୱାରା ସୃଷ୍ଟି ହେଉଛି । ତେବେ କେତେକ ସଂପ୍ରଦାୟରେ ଏହି ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ଯୁକ୍ତି ବଢ଼ାଯାଉଛି । ଏହା ମଧ୍ୟ ଦାରିଦ୍ର୍ୟ, ଅସମାନତା ଓ ଶିକ୍ଷାର ଅଭାବକୁ ଦର୍ଶାଉଛି । ପିସିଏମ୍‌ଏ ହେଉଛି ଏକ ସାମାଜିକ ବୈଧାନିକ ବ୍ୟବସ୍ଥା । ଯାହାର ସଫଳ କାର୍ଯ୍ୟକାରିତା ସବୁ ବର୍ଗର ଅଂଶୀଦାରଙ୍କ (୯ ପୃଷ୍ଠାରେ)

# ବିଚାରାଧୀନ ବନ୍ଦୀଙ୍କୁ ପିଟି ପିଟି ହତ୍ୟା!

ଭୁବନେଶ୍ୱର, ୧୮।୧୦ (ସବ୍ୟୁ) : ରାଜଧାନୀ ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଦେହ ଖରାପ କହି ତାଙ୍କ ସ୍ତ୍ରୀକୁ ଡାକିବା ପରେ ମୃତ୍ୟୁ ହୋଇଥିବା କହିଥିଲେ । ପରିବାର ଅଭିଯୋଗ ଭିତ୍ତିରେ ବଡଧରଣର ତଦନ୍ତ ହେଲେ ବନ୍ଦୀର ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ମତପ୍ରକାଶ ପାଇଛି ।


ବିଚାରାଧୀନ ବନ୍ଦୀ ବିଦ୍ୟାଧର ଗୁରୁଙ୍କୁ ଚଳିତ ମାସ ୫ ତାରିଖରେ ଅବକାରୀ ଗିରଫ କରିବା ପରେ ସେ ଜେଲ୍‌ରେ ଥିଲେ । ବ୍ରାଉନସୁଗର ମାମଲାରେ ବିଦ୍ୟାଧରଙ୍କୁ ଗିରଫ କରାଯାଇଥିଲା ବେଳେ ତାଙ୍କ ଅଟୋକୁ ଜବତ କରାଯାଇଥିବା ପରିବାର କହିଛି । ସେ ଜଣେ ଅଟୋଚାଳକ ଭାବେ ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରୁଥିଲେ । ବ୍ରାଉନସୁଗର ମାମଲାରେ ଜେଲ୍‌ରେ ଥିବାବେଳେ କିଏ ବିଦ୍ୟାଧରଙ୍କୁ ଆକ୍ରମଣ କଲା ତାହା ଜଣାପଡିନାହିଁ । ହେଲେ ତାଙ୍କ ମୁଣ୍ଡରେ କ୍ଷତଚିହ୍ନ ସାଙ୍ଗକୁ ପିଠିରେ ରକ୍ତ ଜମାଟ ବାନ୍ଧିବା ଚିହ୍ନ ମଧ୍ୟ ରହିଛି । ହେଲେ ଜେଲ୍ ଅଫିସର ଓ ପୋଲିସ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କହୁଥିବା ବେଳେ ପରିବାର ସଦସ୍ୟ ଓ ତାଙ୍କ ସ୍ତ୍ରୀ ତାହା ଗ୍ରହଣ କରୁନାହାନ୍ତି । ସେମାନଙ୍କ କହିବା କଥା ଯଦି ହୃଦ୍‌ଘାତରେ ମୃତ୍ୟୁ ହେଲା ତେବେ ମୁଣ୍ଡରେ କ୍ଷତ ଓ ପିଠିରେ ନୋଳା ପଡିଥିବା ଚିହ୍ନ ହେଲା କିପରି ? କ୍ୟାପିଟାଲ ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କେଉଁଦିନ କିଏ କିଭଳି ବିଦ୍ୟାଧରଙ୍କୁ ଆକ୍ରମଣ କଲେ ତାହା ତଦନ୍ତ ହେଲେ ଜଣାପଡିବ । ଜେଲ୍ କର୍ମଚାରୀ ନା ଜେଲ୍‌ରେ ରହୁଥିବା ଗ୍ୟାଙ୍ଗ୍‌ଷ୍ଟରମାନଙ୍କ ଆକ୍ରମଣରେ ଶରୀରରେ ଗୁରୁତର ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଛି ନା କିଭଳି ହୋଇଛି, ତାହା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିବ ବୋଲି କୁହାଯାଉଛି । (୯ ପୃଷ୍ଠାରେ)

DSPL-153

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
ଓଡ଼ିଶା ସରକାର

ଓଡ଼ିଆ ▾ ଲଗଇନ୍ / ସାଇନ୍ ଅପ୍



ଶ୍ରୀ କନକ ବର୍ଦ୍ଧନ ସିଂଦେଓ
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ



ଶ୍ରୀମତୀ ପ୍ରଭାତୀ ପରିଡ଼ା
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକାର ପାଇଁ ଏଠାରେ ପଞ୍ଜିକରଣ କରନ୍ତୁ

ପୂର୍ବରୁ ବୁକ୍ ହୋଇସାରିଛି

ଆପଣଙ୍କର ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର ପତ୍ର ପାଆନ୍ତୁ

ଆପଣଙ୍କ ଅଭିଯୋଗର ପଞ୍ଜିକରଣ ଓ ଏହାର ସମାଧାନ ଦିଗରେ ଏହି ମଞ୍ଚ ଆପଣଙ୍କୁ ସହଯୋଗ କରିଥାଏ

ଦୟାକରି ଆପଣଙ୍କ ଅଭିଯୋଗର ବିବରଣୀ ପ୍ରଦାନ କରନ୍ତୁ । ଏହା ଆମ ପାଖରେ ସୁରକ୍ଷିତ ରହିବ ।

ଅଭିଯୋଗ ପଞ୍ଜିକରଣ କରନ୍ତୁ



ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା. ୨୧.୧୦.୨୦୨୪ ରିଖ (ସୋମବାର)ଓ ତା. ୨୮.୧୦.୨୦୨୪ ରିଖ (ସୋମବାର) ଦିବା ୧୧ ଘଟିକା ସମୟରୁ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଦୁଇଦିନ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା.୧୮/୧୦/୨୦୨୪ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ଏବଂ ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ ।

ଯେଉଁମାନେ କି ଏହି ଦୁଇଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇ ପାରିବେ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ (https://janasunani.odisha.gov.in) ଅଥବା ଜନ ଶୁଣାଣି ମୋବାଇଲ ଆପ୍ଲିକେଶନ ଜରିଆରେ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 09014/13/0031/2425

## ହବିଷ୍ୟାଳିଙ୍କୁ ସବୁ ସୁବିଧା ମିଳିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୦ (ସବ୍ୟୁ) : ହବିଷ୍ୟାଳି ମା'ମାନଙ୍କ ଅସୁବିଧା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ଅବଗତ ହେବାପରେ ବ୍ୟକ୍ତିଗତ ଭାବେ ବିଭାଗୀୟ ଅଧିକାରୀ ଓ ଶ୍ରୀମନ୍ଦିର ପ୍ରଶାସନ ତଥା ଜିଲାପାଳଙ୍କୁ ସମସ୍ତ ବନ୍ଦୋବସ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀଜଗନ୍ନାଥ ଧାମ ପୁରୀଠାରେ ପାହାର ଜିଲ୍ଲାରୁ ଆସି ହବିଷ୍ୟବ୍ରତ ପାଳନ କରୁଥିବା ହବିଷ୍ୟାଳି ମା'ମାନଙ୍କର ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ମହାପ୍ରଭୁ ଜଗନ୍ନାଥ ଆପଣ ସମସ୍ତଙ୍କ ବ୍ରତକୁ ସଫଳ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ।

### ଇଣ୍ଡିଆ କେମ୍ ୨୦୨୪ରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ଦେଶର ଶିଳ୍ପ ବିକାଶରେ ପ୍ରମୁଖ ଭୂମିକା ନେବ




ଭୁବନେଶ୍ୱର, ୧୮।୧୦ (ସବ୍ୟୁ) : ଭାରତର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ରହିଛି । ବିକଶିତ ଭାରତ ଯାତ୍ରାରେ ଓଡ଼ିଶା ଆଗୁଆ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍-୨୦୨୪ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ପୂର୍ବୋଦୟ ଏକ ନୂତନ ଯୁଗ ଆରମ୍ଭ ହୋଇଛି । ପୂର୍ବ ଭାରତରେ ଏହା ନୂତନ ରୂପରେଖ ନେବାକୁ ଯାଉଛି । ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶା ବିଭିନ୍ନ ଶିଳ୍ପକ୍ଷେତ୍ରରେ ଅଗ୍ରଣୀ ରହିଛି । ଖଣି ଓ ଧାତବ କ୍ଷେତ୍ରରେ ଓଡ଼ିଶା ଆଗରେ ଥିବାବେଳେ ଏବେ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ପ୍ରମୁଖ ଭୂମିକା ନେବାକୁ ଯାଉଛି । ଆମର କେମିକାଲ ଓ ପେଟ୍ରୋ କେମିକାଲର ଇକୋ ସିଷ୍ଟମ ବ୍ୟବସ୍ଥାରେ ଆମେ ଏକ ପ୍ରମୁଖ ମୂଳଦୁଆ ପକାଇଛୁ । ଯେପରିକି ଆଇଓସିଏଲ୍, ପାରାଦୀପ ଫସ୍‌ଫେଟ ଏବଂ ଇଫ୍‌କୋ ସମେତ ଅନେକ କମ୍ପାନୀ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି । ପୁଞ୍ଜି ନିବେଶ ଓ ଅଭିବୃଦ୍ଧିରେ ଆମେ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ କରିଛୁ । ପିସିପିଆଇଆର ପାରାଦୀପ ଏବେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଆଭିମୁଖ୍ୟକୁ ଆଗେଇ ନେଇଛି । ପାରାଦୀପ ବନ୍ଦର ନିକଟରେ ଏକ ଶିଳ୍ପ ହବ୍ ପ୍ରତିଷ୍ଠା ହେଉଛି । କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଓଡ଼ିଶା ଅଧିକ (୯ ପୃଷ୍ଠାରେ)

## ସିନ୍‌ୱାରଙ୍କ ମୃତ୍ୟୁ ସ୍ପଷ୍ଟ କଲା ହମାସ୍



ନୂଆଦିଲ୍ଲୀ, ୧୮।୧୦ : ହମାସ ନେତା ୱାଇୟା ସିନ୍‌ୱାରଙ୍କୁ ଇସ୍ରାଏଲ ହତ୍ୟା କରିଥିବା ନେଇ ହମାସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଉକ୍ତ ହମାସ ନେତା ୨୦୨୩ରେ ସୀମା ପାର୍ ହାମଲାରେ ପ୍ରମୁଖ ବିନ୍ଧାଣି ଥିଲା । ସିନୱାର'ର ମୃତ୍ୟୁ ଇସ୍ରାଏଲ୍ କମାଣ୍ଡରଙ୍କ ଦ୍ୱାରା ହୋଇଥିବା ସ୍ପଷ୍ଟ କରାଯାଇଛି । ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍‌ର ୧୨୦୦ ଲୋକଙ୍କ ମୃତ୍ୟୁ ପାଇଁ ସେ ପ୍ରମୁଖ ବିନ୍ଧାଣି ଥିଲା । ତେବେ ଗାଜାଠାରେ ବନ୍ଧକ ଥିବା ୨୫୦ ଇସ୍ରାଏଲ୍‌ଙ୍କୁ ଛାଡ଼ିବା ଲାଗି (୯ ପୃଷ୍ଠାରେ)

## ନାବାଳକର ମୃତ ଦେହ ଠାବ, ବଳି ସନ୍ଦେହ!

ଖପ୍ରାଖୋଲ, ୧୮।୧୦ (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ଜଳପାଙ୍କେଲ ଗ୍ରାମର ସୋମନାଥ ବେମାଲ (୧୨)ଙ୍କୁ ଗୁଣି ଗାରେଡି ନେଇ ବଳି ଦେଇ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ଲାଠୋର ନୂତନ ଥାନାରୁ ଅଧ କିମି ଦୂରରେ ଥିବା ମୁଖ୍ୟ ରାସ୍ତା କଡ଼ର ବିରାଟ ପଥର ଚଟାଣରେ ପଡି ରହିଥିବା ବେଳେ ଘଟଣା ସ୍ଥଳକୁ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ଶବକୁ ଜବତ କରିଥିବା ବେଳେ ସାଇନଣ୍ଟିଫିକ ଦଳ ଓ ସନ୍ଧାନି କୁକୁର ପହଞ୍ଚି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ପ୍ରକାଶ ଯେ ତପନ ବେମାଲଙ୍କ ପୁଅ ସୋମନାଥ ବେମାଲ ଅପରାହ୍ନ ୪ ଟା ସମୟରେ ନିଜ ଘରୁ ବାହାରି ଖେଳିବାକୁ ଯାଇଥିଲେ। ହେଲେ ସେ ଘରୁ ଗଲା ପରେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ମାନେ ବିଭିନ୍ନ ସ୍ଥାନକୁ ଯାଇ ଖୋଜା ଖୋଜି କରିଥିଲେ । ଖୋଜା ଖୋଜି କଲାପରେ ମଧ୍ୟ ନମିଳିବାରୁ ଲାଠୋର ଥାନାକୁ ଯାଇ ବାପା ତପନ ବେମାଲ ଅଭିଯୋଗ କରିଥିଲେ । ହେଲେ ଶୁକ୍ରବାର ସକାଳ ସମୟରେ ଲାଠୋରରେ ନିର୍ମାଣ ହୋଇଥିବା ନୂତନ ଥାନା କାର୍ଯ୍ୟଳୟ ଠାରୁ ଅଧ କିମି ଦୂରରେ ଥିବା ବଡ ପଥର ଚଟାଣରେ ସୋମନାଥଙ୍କ ମୃତ ଦେହ ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ (୯ ପୃଷ୍ଠାରେ)

# ରୁଦ୍ର ହସ୍ପିଟାଲରେ କିଡ୍‌ନୀ ଚୋରି ଅଭିଯୋଗ

ଫୁଲନଖରା, ୧୮।୧୦ (ସବ୍ୟୁ) : କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଅଙ୍ଗ ତସ୍କରୀ ଅଭିଯୋଗକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର । ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଘଟଣାଟି କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ହୋଇଥିବାବେଳେ ରୋଗିଟି କଟକ ଭାଣପୁର ରୁଦ୍ର ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ।

ଘଟଣାରୁ ପ୍ରକାଶ ଯେ ଗତ ୧୩ତାରିଖରେ ବାଲିଗୁଡା ଥାନା ଅଞ୍ଚଳ ଟିକରବାଜୁ ଗ୍ରାମର ବାବୁଲା ଦିଗାଲ୍(୪୨) ଏକ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଡୁମୁଡିବନ୍ଧ ଡାକ୍ତରଖାନା ଓ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରୁ ବାବୁଲାଙ୍କ ଅବସ୍ଥା ଆହୁରି ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ କିଛି ଦଲାଲ୍‌ଙ୍କ କଥାରେ ପଡି ପରିବାର ଲୋକେ କଟକ ସଦର ଥାନା ଅଂଚଳର ଭାଣପୁର ନିକଟସ୍ଥ ରୁଦ୍ର ହସ୍ପିଟାଲ୍‌ରେ ୧୫ ତାରିଖ ଦିନ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତରମାନେ ତୁରନ୍ତ ବାବୁଲାର ମୁଣ୍ଡ ଅପରେସନ୍ କରି ଅପରେସନ୍ ସଫଳ ହୋଇଛି ବୋଲି କହିଥିଲେ । ୧୬ତାରିଖ ଦିନ

### ତଦନ୍ତ ନିର୍ଦ୍ଦେଶ ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଅପରେସନ୍ ବାବଦକୁ ନିର୍ଦ୍ଧାରିତ ଟଙ୍କା ଜମା କରିବାର କିଛି ସମୟ ପରେ ବାବୁଲାକୁ ମୃତ ବୋଲି ଘୋଷଣା କରିଥିଲେ । ସେଠାରୁ ବାବୁଲାର ପରିବାର ଲୋକ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଟିକରବାଜୁ ଗାଁକୁ ଆଣିବା ପରେ ସେଠାରେ ବାବୁଲାର ପେଟ କଟା ହୋଇ ଅପରେସନ୍ ହୋଇଥିବା ଜାଣିବାକୁ ପାଇଥିଲେ । ବାବୁଲାର ମୁଣ୍ଡରେ ଆଘାତ ହୋଇଥିବା ହେତୁ ମୁଣ୍ଡ ଅପରେସନ୍ କରିବା କଥା କିନ୍ତୁ ପେଟରେ ଅପରେସନ୍ କାହିଁକି କରାଯାଇଛି ସେଥିପାଇଁ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ବାବୁଲାର ମରଶରୀରକୁ ସମାଧି ଦେବା ପରେ ଗତକାଲି ପରିବାର ଲୋକେ ଏ ବିଷୟରେ ବାଲିଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ କି ବାବୁଲାର କିଡ୍‌ନୀକୁ କାଢ଼ି ନିଆଯାଇଛି । ଅଭିଯୋଗପରେ ବାଲିଗୁଡା ଥାନା ଅଧିକାରୀ ଅନ୍ୟ ପୋଲିସ୍ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରିଥିଲେ । ଉଦ୍ଧାର ଶବକୁ ବ୍ୟବଚ୍ଛେଦ ପାଇଁ ବାଲିଗୁଡା (୯ ପୃଷ୍ଠାରେ)




THE LINK EYE HOSPITAL AND RESEARCH INSTITUTE

A Dependable Institute for Eye Care

EYE CARE FACILITIES AVAILABLE

* Computerized Vision Testing
* Opthalmic Micro Surgery
* Cataract Surgery without injection
* Phcoemulsification with Foldable / Multifocal IOL implantation
* Glaucoma Evaluation, Surgery and Humphrey visual field analysis * YAG Laser
* Argon Laser Retina Laser for Diabetes
* Retinal Photography and fundus flourescein angiography * OCT Scan
* B.Scan Ultrasonography
* Immersion Biometry * Pachymetry
* Anterior Segment and fundus photography
* Retinal Nerve Fibre Layer Analysis
* Non Invasive Laser DCR Surgery
* Optical Disbursing



Rtn Dr. Alok Kumar Sahoo
Founder cum Chief
Executive Director
The Link Eye Hospital & Research Institute

THE LINK EYE HOSPITAL & RESEARCH INSTITUTE

At: Sreemaa Tower, Link Road Chhak, Madhupatna (Ground floor of Aakash Institute) N.H-16, Cuttack - 753010

6370637131
7008182690,
7008948382

thelinkeyehospital@gmail.com
www.thelinkeyehospital.com

Timing Everyday 8am to 8pm

## ସୋସିଆଲ କୋଟ୍ସ



ଜୀବନରେ ଯାହା କିଛି ବି ବାଛିଚି ନିଜ ପସନ୍ଦରେ ବାଛିଚି । ପ୍ରଫେସନାଲ ଲାଇଫ୍ ହେଉ କିମ୍ବା ପର୍ସନାଲ ଲାଇଫ୍ କୌଣସି ନିଷ୍ପତ୍ତି ପାଇଁ ଅବଶୋଷ ନାହିଁ ।

**ମଲାଇକା ଅରୋରା, ଅଭିନେତ୍ରୀ**



ଦେବଦାସ ଫିଲ୍ମରେ କରିଥିବା ଚରିତ୍ର ମୋ ହୃଦୟରେ ଆଜି ବି ରହିଛି । ହେଲେ ଏହି ଚରିତ୍ରର ସାଇଡ୍ ଇଫେକ୍ଟ ମୋ ଜୀବନ ଉପରେ ପଡିଥିଲା । ଏହି ଫିଲ୍ମ କରିବା ପରେ ମୁଁ ମଦ ପିଇବା ଆରମ୍ଭ କରିଦେଇଥିଲି ।

**ଶାହରୁଖ ଖାନ୍, ଅଭିନେତା**



ପରିଣୀତିରେ ବିଦ୍ୟା ଖୁବ ଭଲ ଅଭିନୟ କରିଥିଲେ । ଏଥିରେ ତାଙ୍କୁ ମୁଁ ଦେଖିବା ପରେ ତାଙ୍କ ନାଁ କରଣ ଜୋହରଙ୍କୁ ସୁପାରିସ୍ କରିଥିଲି ।

**ଅମିତାଭ ବଚ୍ଚନ, ଅଭିନେତା**

## ଇତିହାସ ପୃଷ୍ଠାରୁ

୧୮୭୦– ପ୍ରସିଦ୍ଧ ମହିଳା କ୍ରାନ୍ତିକାରୀ ମାତଙ୍ଗିନୀ ହଜାରାଙ୍କ ଜନ୍ମ ।
୧୮୮୭– ସ୍ୱତନ୍ତ୍ରତା ସେନାନୀ ସାରଙ୍ଗଧର ଦାସଙ୍କ ଜନ୍ମ ।
୧୯୨୯– ଗାନ୍ଧିବାଦୀ ବିଚାରଧାରା ସହ ଜଡ଼ିତ ଥିବା ପ୍ରସିଦ୍ଧ ମହିଳା ସାମାଜିକ କାର୍ଯ୍ୟକର୍ତ୍ତା ନିର୍ମଳା ଦେଶପାଣ୍ଡେଙ୍କ ଜନ୍ମ ।
୧୯୫୦– କୋଲକାତାରେ ମଦର ଟେରେସା ମିସିଓନାରିଜ୍ ଅଫ୍ ଚାରିଟିର ସ୍ଥାପନା କଲେ ।
୧୯୭୦– ଭାରତରେ ନିର୍ମିତ ପ୍ରଥମ ମିଗ୍ ୨୧ ବିମାନକୁ ଭାରତୀୟ ବାୟୁସେନାରେ ସାମିଲ କରାଗଲା ।
୧୯୮୩– ଭାରତୀୟ ମୂଳ ଆମେରିକୀୟ ନାଗରିକ ଡାକ୍ତର ଏସ୍. ଚନ୍ଦ୍ରଶେଖରଙ୍କୁ ଭୌତିକ ବିଜ୍ଞାନରେ ନୋବେଲ ପୁରସ୍କାର ଦିଆଗଲା ।
୨୦୦୮– ଅଟୋମୋବାଇଲ୍ ବଜାରରେ ମାନ୍ଦାବସ୍ଥା କାରଣରୁ ଟାଟା ମୋଟର୍ସ ୩୦୦ ଅସ୍ଥାୟୀ କର୍ମଚାରୀଙ୍କୁ ପଦଚ୍ୟୁତ କଲା ।

# ପ୍ଲାଜମା କମାଉଛି ବୟସ !



ଆମେରିକାର ମିଲେନିଅର ବ୍ୟବସାୟୀ ବ୍ରାୟନ ଜନସନ୍ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ତାଙ୍କର ବୟସ କମାଇବା ପ୍ରକ୍ରିୟା ସହିତ ରହିଛି ପୁରୁଣା ସମ୍ପର୍କ । ଏହାକୁ ନେଇ ଅନେକ ସମୟରେ ସେ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ସେ ଏକ ଦାବି କରିଛନ୍ତି ଯାହାକୁ ନେଇ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ ହୋଇଛି । ଦାବି ଅନୁସାରେ ତାଙ୍କର ପ୍ଲାଜମା କାରଣରୁ ତାଙ୍କ ବାପାଙ୍କ ବୟସ ୨୫ ବର୍ଷ କମି ପାରିଛି । ଏନେଇ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଜଣାଇଛନ୍ତି । ସୂଚନା ଅନୁସାରେ ତାଙ୍କ ଶରୀରରେ ଟିପିଇ ବା ଟୋଟାଲ ପ୍ଲାଜମା ଏକ୍ସଚେଞ୍ଜ ଥେରାପି କରାଯାଇଛି । ଯାହା ଅଧୀନରେ ବ୍ରାୟନଙ୍କ ଶରୀରରେ ଥିବା ପ୍ଲାଜମାକୁ କଢାଯାଇ ତା ସ୍ଥାନରେ ଆଲବୁମିନ୍‌କୁ ରଖା ଯାଇଛି । ଏହି ପ୍ରକ୍ରିୟା ତାଙ୍କ ଶରୀରରୁ ଟକ୍ସିନ୍ କମାଇବା ପାଇଁ କରାଯାଇଛି । ହେଲେ ଅପରେଟର ତାଙ୍କର ପ୍ଲାଜମାକୁ ସୁପର ପ୍ଲାଜମା ବୋଲି ସମ୍ବୋଧନ କରିବାସହିତ ଏହା ଖୁବ ସଫା ବୋଲି ତାଙ୍କୁ ଜଣାଇଥିଲେ । ସେହିଭଳି ବ୍ରାୟନଙ୍କ ସୂଚନା ଅନୁସାରେ ତାଙ୍କର ପ୍ଲାଜମାର ମାତ୍ର ଏକ ଲିଟର ତାଙ୍କ ବାପାଙ୍କ ଶରୀରରେ ଚଢାଯିବାପରେ ତାଙ୍କ ବୟସ ପାଖାପାଖି ୨୫ ବର୍ଷ କମିଛି । ତେବେ ଏହି ପ୍ରକ୍ରିୟା ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ସହିତ ଜଡିତ ସମସ୍ତ ପ୍ରଫେସନର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହାକୁ ନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।

# ନିଆରା ଶ୍ରଦ୍ଧାଞ୍ଜଳି

ନିକଟରେ ଭାରତ ତାର ଶିଳ୍ପରତ୍ନ ରତନ ଟାଟାଙ୍କୁ ହରାଇଛି । ଯାହାପରେ ସୋସିଆଲ ମିଡିଆରେ ଅନେକ ଲୋକ ତାଙ୍କୁ ବିଭିନ୍ନ ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଦେବାରେ ଲାଗିଛନ୍ତି । ସେହିଭଳି ଏକ ନିଆରା ଶ୍ରଦ୍ଧାଞ୍ଜଳି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମୁମ୍ବାଇର ଜଣେ ବ୍ୟକ୍ତି ରତନ ଟାଟାଙ୍କର ଟାଟୁ ନିଜ ଛାତିରେ ଆଙ୍କିଛନ୍ତି । ସେ ରତନ ଟାଟାଙ୍କୁ ରିଅଲ ଲାଇଫ୍ ହିରୋବୋଲି ସମ୍ବୋଧନ କରିଛନ୍ତି । ସେ ସବୁବେଳେ ସାଧାରଣ ଲୋକଙ୍କ ପାଇଁ କାମ କରୁଥିଲେ ତେଣୁ ସେ ସମସ୍ତଙ୍କ ହୃଦୟରେ ଅଛନ୍ତି । ବ୍ୟକ୍ତିଜଣଙ୍କ ତାଙ୍କୁ ହୃଦୟରେ ରଖିବାପାଇଁ ଏହି ଟାଟୁ କରିଥିବା ପ୍ରକାଶ କରିଛନ୍ତି । ବ୍ୟକ୍ତିଙ୍କର ଏଭଳି ସମ୍ମାନକୁ ସମସ୍ତେ ସୋସିଆଲ ମିଡିଆରେ ଖୁବ ଭଲପାଇବା ଦେଉଛନ୍ତି ।



# ଚିକେନ୍ ସେଲ୍‌ରୁ ଲାବ୍ ମିଟ୍

ବର୍ତ୍ତମାନ ମାଂସକୁ ନେଇ ଅନେକ ଗବେଷଣା ଜାରି ରହିଛି । କିଭଳି ଜୀବ ବଦ୍ଧ ନକରି ମଧ୍ୟ ଆମେମାନେ ଆମିଷ ଖାଇପାରିବା ସେନେଇ ପ୍ରତିଦିନ ଗବେଷକମାନେ ବିଭିନ୍ନ ଗବେଷଣା ଜାରି ରଖିଛନ୍ତି । ନିକଟରେ ଆମେରିକାରେ କୁକୁଡାଙ୍କ ସେଲ୍ ବା କୋଷରୁ ପ୍ରସ୍ତୁତ ହୋଇଛି ଲାବ୍ ମିଟ୍ । ଏହାକୁ ଷ୍ଟିଲ ଟ୍ୟାଙ୍କରେ କଲଚର କରାଯାଇ ପ୍ରସ୍ତୁତ କରାଯାଇଛି । ସୂଚନା ଅନୁସାରେ ବର୍ତ୍ତମାନ ଆମେରିକାରେ ଏହି



ଲାବ ପ୍ରସ୍ତୁତ ମିଟ୍‌କୁ ବିକ୍ରି ପାଇଁ ଅନୁମତି ମିଳିସାରିଛି । ଆମେରିକାର ଡିପାର୍ଟମେଣ୍ଟ ଅଫ ଏଗ୍ରିକଲ୍ଚର ପକ୍ଷରୁ ଏହାକୁ ଅନୁମତି ଦିଆଯାଇଛି । ସେହିଭଳି ଏହି ମିଟ୍‌ର ପ୍ରଡକସନ୍ ପାଇଁ ମଧ୍ୟ ଅନୁମତି ମିଳିଛି । ଏହି ଲାବ୍ ଗ୍ରୋନ୍ ମିଟ୍‌ର ଅନ୍ୟନାମ କଲ୍ଟିଭେଟେଡ ମିଟ୍ । ଏହାର ପ୍ରାଥମିକ ପଦକ୍ଷେପରେ ଜୀବନ୍ତ କୁକୁଡା ଠାରୁ ସେଲ୍ କଢାଯାଇ ପ୍ରିଜର୍ଭ କରାଯାଇ ରଖିଯାଇଥାଏ । ଏହି ପ୍ରକ୍ରିୟାରେ ଜୀବନ୍ତ କୁକୁଡାକୁ କୌଣସି କ୍ଷତି ପହଞ୍ଚି ନଥାଏ । ଏହାପରେ ଏହାକୁ ସେଲ ବ୍ୟାଙ୍କରେ ଷ୍ଟୋର କରାଯାଇ ରଖାଯାଇଥାଏ । ଏହାପରେ ଏହାକୁ ଏକ ବଡ ବନ୍ଦ ଭେସେଲକୁ ସ୍ଥାନାନ୍ତର କରାଯାଇଥାଏ, ଯାହା ଷ୍ଟିଲରୁ ତିଆରି କରାଯାଇଥାଏ । ଯେଉଁଠାରେ ଏହା ସେଲ୍ ମଲ୍ଟିପ୍ଲିକେସନ ପାଇଁ ବାୟୋରିଆକ୍ଟର ଭାବେ କାମ କରିଥାଏ । ଏହିଭଳି ବିଭିନ୍ନ ପ୍ରକ୍ରିୟା ପରେ ସେଲ୍ ହାର୍ଭେଷ୍ଟ ପାଇଁ ରେଡ଼ି ହୋଇଯାଇଥାଏ । ଏହାପରେ ଏହି ସେଲ ଗୁଡିକୁ ଟ୍ୟାଙ୍କରୁ କଲେକ୍ଟ କରାଯାଇ ପ୍ରୋସେସିଂ ଏବଂ ପ୍ୟାକେଜିଂ କରାଯାଇଥାଏ । ଏହାର ବିଭିନ୍ନ ସ୍ୱାସ୍ଥ୍ୟକର ଗୁଣ ସହ ପରିବେଶ ଉପଯୋଗୀ ଗୁଣ ମଧ୍ୟ ରହିଛି । ଯେଉଁ କାରଣରୁ ଏହାର ଚାହିଦା ବଢିବାରେ ଲାଗିଛି । ଧୀରେଧୀରେ ଲୋକ ଏହାକୁ ଖାଇବା ପାଇଁ ଆଗ୍ରହ ଦେଖିବାକୁ ମିଳିଛି ।

# ରାଜମା ପାର୍ଟି ବର୍ଗର

**ସାମଗ୍ରୀ–** ଗୋଟେ ବର୍ଗର ବନ୍, ସିଝା ଆଳୁ ଏକଟା, ଅଧାକପ ସିଝା ରାଜମା, ଅଧା କପ୍ ମଟର, ଅଧା ଚାମଚ ଲଙ୍କା ଗୁଣ୍ଡ, ଅଳ୍ପ ମରିଚ ଗୁଣ୍ଡ, କଟାହୋଇଥିବା ପିଆଜ ଓ ଟମାଟୋ, ବ୍ରେଡ୍‌କ୍ରମ, କର୍ଣ୍ଣଫ୍ଲୋର୍ ।



**ପ୍ରଣାଳୀ–** ଗୋଟିଏ ପାତ୍ରରେ ରାଜମା, ଆଳୁ, ମଟର, ଛୋଟ ଛୋଟ ପାଉଁରୁଟି ଖଣ୍ଡ ସହିତ ବିଭିନ୍ନ ମସଲା ପକାଇ ଗୋଳାନ୍ତୁ । ଏହାକୁ ଟିକି ଆକାରରେ କରି କର୍ଣ୍ଣଫ୍ଲୋର ଆଣରେ ବୁଡାଇ ବ୍ରେଡ୍‌କ୍ରମ ଲଗାଇ ଛାଣନ୍ତୁ । ଏହାପରେ ବନ୍‌କୁ ଅଳ୍ପ ସମୟ ପାଇଁ ଟୋଷ୍ଟ କରନ୍ତୁ । ପରେ ସମସ୍ତ ଜିନିଷକୁ ମିଶାଇ ବର୍ଗର ପ୍ରସ୍ତୁତ କରନ୍ତୁ । ପ୍ରଥମେ ବନ୍‌ରେ ପସନ୍ଦ ହିସାବରେ ସସ୍ ଲଗାନ୍ତୁ ଏହାପରେ ଟିକିକୁ ରଖନ୍ତୁ । ଏହାପରେ ଟମାଟୋ, ପିଆଜ ରଖନ୍ତୁ ଓ ବନ୍‌ର ଅପରପାର୍ଶ୍ୱକୁ ଏହା ଉପରେ ରଖି ପ୍ରସ୍ତୁତ କରନ୍ତୁ ରାଜମା ପାର୍ଟି ବର୍ଗର ।

# ଏକାଠି କାମ କରି ଖୁସି



ଦିପାବଳୀରେ ଆସିବାକୁ ଯାଉଛି ବହୁ ପ୍ରତିକ୍ଷୀତ ଫିଲ୍ମ ଭୁଲ ଭୁଲେୟାଁର ପାର୍ଟ ୩ । ଏହି ଫିଲ୍ମକୁ ନେଇ ଦର୍ଶକ ଯେତିକି ଉତ୍ସୁକ ଏହାଠାରୁ ବେଶି ଉତ୍ସୁକ ଏହାର ଷ୍ଟାରକାଷ୍ଟ । ଏଥିରେ ଦର୍ଶକ ମାଧୁରୀ ଓ ବିଦ୍ୟାବାଲାନଙ୍କୁ ଏକାଠି ଦେଖିବାକୁ ପାଇବେ । ଉଭୟ ନିଜର ଅଭିନୟ ପାଇଁ ନୃତ୍ୟ ପାଇଁ ଖୁବ ପ୍ରଶଂସା ସାଉଁଟି ଥାଆନ୍ତି । ତେଣୁ ଉଭୟଙ୍କ ଯୁଗଳବନ୍ଦୀ ଏକାଠି ଦେଖିବାକୁ ସେମାନଙ୍କ ଫ୍ୟାନ ଚାହିଁ ବସିଛନ୍ତି । ଫିଲ୍ମର ଟ୍ରେଲରରେ ଉଭୟଙ୍କୁ ମଞ୍ଜୁଲିକା ଚରିତ୍ରରେ ଦେଖିବାକୁ ମିଳୁଛି । ତେବେ ଟ୍ରେଲରରେ ସ୍ପଷ୍ଟ ହୋଇ ନାହିଁ କିଏ ଚଳିତ ସିଜିନ୍‌ରେ ମଞ୍ଜୁଲିକା ହୋଇଛନ୍ତି ମାଧୁରୀ ନା ବିଦ୍ୟା । ତେବେ ଟ୍ରେଲର ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି । ସେହିଭଳି ଉଭୟ ବିଦ୍ୟା ଓ ମାଧୁରୀ ମଧ୍ୟ ନିଜ ଚରିତ୍ରକୁ ନେଇ ଖୁବ ଖୁସି ଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରୁଛନ୍ତି । ଉଭୟଙ୍କୁ ଏହି ପ୍ରୋଜେକ୍ଟ ମିଶି କାମ କରି ଖୁବ ଖୁସି ଲାଗିଲା ବୋଲି ମତ ରଖୁଛନ୍ତି । ଏଥିରେ ମୁଖ୍ୟ ଚରିତ୍ରରେ କାର୍ତ୍ତିକ ଆରିୟନ ନଜର ଆସୁଛନ୍ତି । ଅନ୍ୟମାନଙ୍କ ଭିତରେ ଫିଲ୍ମରେ ଦର୍ଶକ ତ୍ରିପ୍ତି ଡିମିରିଙ୍କୁ ଦେଖିବାକୁ ପାଇବେ ।



# ଘରକୁ ରଖନ୍ତୁ ସୁନ୍ଦର

ସଫା ଓ ସୁନ୍ଦର ଘର ସମସ୍ତଙ୍କର ସ୍ୱପ୍ନ ହୋଇଥାଏ । ତେବେ ଆଜିକାଲିର ବ୍ୟସ୍ତ ବହୁଳ ଜୀବନଶୈଳୀରେ ଘରକୁ ସଫା ସୁନ୍ଦର ରଖିବା ଏକ କଷ୍ଟକର କାର୍ଯ୍ୟରେ ପରିଣତ ହୋଇଛି । କାହା ପାଖରେ ସମୟ ନାହିଁ ଘର ସଜାଡିବାକୁ । ତେବେ



ଏଭଳି କିଛି ଟ୍ରିକ୍ ରହିଛି ଯାହାକୁ ବ୍ୟବହାର କରି ଆପଣ ନିଜ ଘରକୁ ଖୁବ୍ ଜଲଦି ସଫା ସହିତ ସୁନ୍ଦର ମଧ୍ୟ କରିପାରିବେ ।


**ପୁରୁଣା ଡ୍ର'ର ବ୍ୟବହାର –** ଯଦି ଶୋଇବା ଘରେ କିମ୍ବା ଡ୍ରଇଂ ରୁମ୍‌ରେ ଯାଗା କମ୍ ଅଛି, ତେବେ ଘରେ ଥିବା ଖାଲି ଡ୍ର'ର ବ୍ୟବହାର ଆପଣ କରିପାରିବେ । କାଠ, ଷ୍ଟିଲ୍ କିମ୍ବା ମେଟାଲରୁ ନିର୍ମିତ ଡ୍ର'ରେ ସାମଗ୍ରୀକୁ ସଜାଇ ରଖନ୍ତୁ । ଏଥିରେ ସାମଗ୍ରୀ ସୁବ୍ୟବସ୍ଥିତ ଢଙ୍ଗରେ ରହିବା ସହିତ ଘରକୁ ମଧ୍ୟ ସଫା ରଖିବାରେ ସହାୟକ ହୋଇଥାଏ । ଏହାକୁ ଏକ ଛୋଟ ଟେବୁଲ୍, ଖଟ ତଳେ କିମ୍ବା ବଡ ଆଲମିରା ପଛରେ ସହଜରେ ରଖିହେବ ।

**କରନ୍ତୁ ହ୍ୟାଙ୍ଗରର ବ୍ୟବହାର –** ଯାଗା ବଞ୍ଚାଇବାର ସବୁଠାରୁ ସହଜ ଉପାୟ ହେଲା ହ୍ୟାଙ୍ଗରର ବ୍ୟବହାର । ହ୍ୟାଙ୍ଗରରେ ପୋଷାକ ରଖିବା ଫଳରେ ଏହାକୁ ଭାଙ୍ଗିବାରୁ ମୁକ୍ତି ମିଳିଥାଏ । ଏହାସହିତ ଅଧିକ ପୋଷାକ ଏକାଥରେ ମଧ୍ୟ ରଖିହୋଇଥାଏ । ଏହା ପୋଷାକ ଚୟନରେ ମଧ୍ୟ ସହାୟକ ହୋଇଥାଏ ।

**ସଜାଇ ରଖନ୍ତୁ କେବୁଲ୍ –** ଆଜିକାଲି କରୋନା କାରଣରୁ ୱାର୍କ ଫ୍ରମ ହୋମ୍‌ର କଲଚର୍ ଜାରି ରହିଛି । ଯେଉଁ କାରଣରୁ ମୋବାଇଲ୍, ଲାପଟପ୍, ଆଇପାଡ୍, ଟାବଲେଟ୍ ଭଳି ଗ୍ୟାଜେଟ୍‌ର ବ୍ୟବହାର ବଢିଛି । ହେଲେ ଏଗୁଡିକ ଏଣେତେଣେ ପଡିଲେ ଅଧିକା ସ୍ଥାନ ଅକ୍ତିଆର ସହିତ ଘରକୁ ଅସୁନ୍ଦର କରିବାର ସମ୍ଭାବନା ମଧ୍ୟ ବଢିଥାଏ । ତେଣୁ ଗ୍ୟାଜେଟ୍ ସହିତ ଏଥିରେ ବ୍ୟବହୃତ ଅନ୍ୟ ସାମଗ୍ରୀକୁ ଏକ ଡ୍ର କିମ୍ବା ଟେବୁଲ୍‌ରେ ସଜାଡି ରଖନ୍ତୁ । ଏପରି କରିବା ଫଳରେ କମ ସ୍ଥାନ ଯିବା ସହିତ ସୁନ୍ଦର ଦେଖାଯିବ ।

**ମେକଅପ୍ ସାମଗ୍ରୀ ପାଇଁ ଡ୍ର'–** ଝିଅ ହୁଅନ୍ତୁ କିମ୍ବା ଘରଣୀ ସମସ୍ତଙ୍କର ମେକଅପ୍ ସାମଗ୍ରୀର ତାଲିକା ଢେର ଲମ୍ବା ଥାଏ । ତେବେ ଏହି ସାମଗ୍ରୀ ଗୁଡିକୁ ସଜାଡି ନ ରଖିଲେ ଏହା ଘରେ ଅଧିା ସ୍ଥାନ ନେବା ସହିତ ଖୋଜିଲା ସମୟରେ ମିଳି ନଥାଏ । ତେଣୁ ଏଭଳି ସାମଗ୍ରୀକୁ ଡ୍ରେସିଂ ଟେବୁଲ୍ ଡ୍ର'ରେ ସଜାଡି ରଖନ୍ତୁ । ଏପରି କଲେ ଏହା ସଙ୍ଗେ ସଙ୍ଗେ ମିଳିବା ସହିତ ଘରକୁ ସୁନ୍ଦର କରିବାରେ ସହାୟକ ହୋଇଥାଏ ।

# ଦେଉଳସାହିରେ ଚାନ୍ଦିମେଢ଼



ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଲକ୍ଷ୍ମୀପୂଜାରେ ଚଳିତ ବର୍ଷ ''ଦେଉଳସାହି ପୂଜା ମଣ୍ଡପ'' ପକ୍ଷରୁ ସହରର ଷଷ୍ଠ ଚାନ୍ଦିମେଢ ଭାବେ ଶୋଭା ବର୍ଦ୍ଧନ କରୁଛି । ପ୍ରାୟ ୭୫ କେ.ଜି. ଓଜନର ରୂପା ଏହି ମେଢ ନିର୍ମାଣରେ ଲାଗିଛି । ନୂତନ ଭାବେ ନିର୍ମିତ ସ୍ଥାୟୀ ମଣ୍ଡପରେ ଚଳିତ ବର୍ଷ ମା'ଲକ୍ଷ୍ମୀ ବିରାଜମାନ କରିଛନ୍ତି, ଯାହାର ବ୍ୟୟ ଅଟକଳ ୧୫ଲକ୍ଷ ଟଙ୍କା ରହିଥିଲା । ମା'ଙ୍କ ରୋଷଘର ମଧ୍ୟ ଏଥିସହ ସଂଲଗ୍ନ ହୋଇଛି । ୧୯୬୦ରେ ପୂଜା ଆରମ୍ଭ କରିଥିବା ଦେଉଳସାହି ପୂଜା ପ୍ରତିଷ୍ଠାନ ଚଳିତ ବର୍ଷ ୬୫ବର୍ଷରେ ପଦାର୍ପଣ କରିଛନ୍ତି । ରାଜ ପରିବାରର ସ୍ୱର୍ଗତ ଗୌରେନ୍ଦ୍ର ପ୍ରତାପ ସିଂହଦେଓ ବା ଟିକି ସାହେବ ତାହାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ରହିଥିଲେ । ପ୍ରଥମ ସବାକ୍ ଓଡିଆ ଚଳଚ୍ଚିତ୍ର 'ଲଳିତା'ର ପ୍ରଯୋଜକ ଥିଲେ ଗୌରେନ୍ଦ୍ର ପ୍ରତାପ ସିଂହଦେଓ । ଏହି ପୂଜା ପ୍ରତିଷ୍ଠାନର ସଭାପତି ଭାବେ ସଂଜୟ ଭଞ୍ଜ ଓ ସଂପାଦକ ଭାବେ ହୃଦୟାନନ୍ଦ ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି । ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଏହି ପୂଜା ମଣ୍ଡପରେ ମା'ଙ୍କର ଦର୍ଶନ କରି ଏହାର ଐତିହ୍ୟ ସଂପର୍କରେ ଅବଗତ ହୋଇଥିଲେ ।

## ବିପର୍ଯ୍ୟସ୍ତ ଅବସ୍ଥାରେ ୧୪୯ ନମ୍ବର ଜାତୀୟ ରାଜପଥ

# ଧୂଳିଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ, ଚାରି ଥାକିଆ ରାସ୍ତା ନିର୍ମାଣ କେବେ?



ତାଳଚେର, (ସବ୍ୟୁ) : ଦିନ ପରେ ଦିନ ବର୍ଷ ପରେ ବର୍ଷ, ମାସପରେ ମାସ ଗଡ଼ିଗଡ଼ି ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକବାର ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ଏହି ୧୪୯ ନମ୍ବର ଜାତୀୟ ରାଜପଥର ଭାଗ୍ୟ କଳାବାଦଲ ଘଟି ଆସିଥିବା ପରି ମନେ ହେଉଛି ।

ତାଳଚେର ଗୋଡ଼ିବନ୍ଧ ଠାରୁ ବହ୍ଲରଛକ ଦେଇ ବଅଁରପାଳ ଯାଇଥିବା ଏହି ୧୪୯ ନମ୍ବର ଜାତୀୟ ରାଜପଥ ଅବସ୍ଥା ବର୍ତ୍ତମାନ ନକହିବା ଭଲ! ଏହି ରାସ୍ତା ଉପରେ ହଜାର ହଜାର ସଂଖ୍ୟକ ଅହରହ ଭାରୀଯାନ ଚଳାଚଳ କରୁଥିବା ବେଳେ ଜାତୀୟ ରାଜପଥଟି ଅଣଓସାରିଆ ରହିଥିବାରୁ ଦୁର୍ଘଟଣାର ପିଛା ଛାଡୁନଥିବା ବେଳେ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଏହି ରାସ୍ତାରେ ଯାତାୟତ କରିବା ପାଇଁ ପଥଚାରୀମାନେ ସାହାସ ଜୁଟାଇ ପାରୁନଥିବା କୁହାଯାଉଛି । ଏପରିକି, ରାସ୍ତାର ଉଭୟ ପାର୍ଶ୍ୱରେ ଘଂଟାଘଂଟା ଧରି ଭାରଯାନ ଗୁଡ଼ିକ ଛିଡ଼ା କରି ଦିଆଯାଉଥିବାରୁ ଦିଆଯାଉଥିବାରୁ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡ଼ିବା ବେଳେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡ଼ି ଗୁଡ଼ିକୁ ଏଥିନେଇ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥିବା ଦେଖିବାକୁ ମିଳିଛି । ତେବେ ଏନଏଚଆଇର ଏହି ଜାତୀୟ ରାଜପଥ ପ୍ରତି କାହିଁକି ଯେ, ଧ୍ୟାନ ଦେଉନାହିଁ ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏପଟେ ଟ୍ରାଫିକ ସମସ୍ୟା ଓ ଅନ୍ୟପକ୍ଷରେ ରାସ୍ତାରେ ପ୍ରଚୁର ଧୂଳି ଧୂଆଁ ଉଡ଼ିବା ଯୋଗୁଁ ଅନ୍ତେବାସୀ ସହ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ରାସ୍ତା ପାଇଁ ବହୁ ଆଗରୁ ୭ଶହ କୋଟି କୋଟିଟଙ୍କା ମଞ୍ଜୁର ହୋଇ ସାରିଛି ।

କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ କାମ ଆଗେଇ ପାରିଲା ନାହିଁ । ୧୪୯ ନମ୍ବର ଜାତୀୟ ରାଜପଥ ୪ଥାକିଆ କରିବାକୁ ଗତ ୨୦୨୨ ମସିହା ସେପ୍ଟେମ୍ବର ୧୨ରେ ଟେଣ୍ଡର ଡ଼କାଯାଇଥିଲା, ଏଥିପାଇଁ ୭୨୨.୫୫ ଟଙ୍କା ସରକାର ମଞ୍ଜୁର କରିଥିଲେ । କିନ୍ତୁ କାହିଁକି ଆଗେଇ ପାରୁନାହିଁ ତାର ଉତର ଦେବାକୁ ଏଠାରେ କେହି ନଥିବା ଭଳି ମନେ ହେଉଛି ।

ଏଠାରେ ଟ୍ରକ ଟର୍ମିନାଲର ବ୍ୟବସ୍ଥା ନଥିବାରୁ ଖାଲି ଓ ଭାରୀଯାନ ଟ୍ରକ ଗୁଡିକ ରାସ୍ତା ଉପରେ ଯାମ କରୁଥିବାରୁ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଷିଡ଼ି ପଡ଼ିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଳଚେର ଅଂଚଳରେ ବ୍ୟାପକ ଖଣି ସହ ରାଷ୍ଟ୍ରାୟତ ଉଦ୍ୟୋଗୀମାନେ ମୁଣ୍ଡ ଟେକିଛନ୍ତି । ସରକାର ମଧ୍ୟ ଏଠାରୁ କୋଟିକୋଟି ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି । କିନ୍ତୁ ଦୀର୍ଘ ୪୦ବର୍ଷ ତଳେ ଏହି ଜାତୀୟ ରାଜପଥ ଯେମିତି ଥିଲା ଆଜିବି ସେହି ଅବସ୍ଥା ଭାଗ୍ୟକୁ ଧରି ପଡ଼ି ରହିଛି । ଏହି ଜାତୀୟ ରାଜପଥର ଦୂରବସ୍ଥାକୁ ନେଇ ବିଭିନ୍ନ ସଂଗଠନ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଥିଲେ ମଧ୍ୟ ପ୍ରଶାସନ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବା ଅନୁମାନ କରାଯାଉଛି । ତେବେ ପୁନଶ୍ଚ ଏହି ଜାତୀୟ ରାଜପଥର ଟେଣ୍ଡର ପ୍ରକ୍ରିୟା ନିକଟରେ ହେବାକୁ ଥିବା କୁହାଯାଉଛି । ତେବେ କେବେ ଏହି ଜାତୀୟ ରାଜପଥ ୪ଥାକିଆ ରାସ୍ତା ନିର୍ମାଣ ହେବ ନା ପୂର୍ବପରି ଟେଣ୍ଡର ପରେ ଟେଣ୍ଡର ହୋଇ ରହିଯିବ ତାହା କେବଳ ଆଗାମୀ ଦିନରେ ସମୟ କହିବ ।

# ହିନ୍ଦୋଳ ରୋଡ ରେଳ ଷ୍ଟେସନରେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରେଳଯାତ୍ରୀ

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ରେଳ ଷ୍ଟେସନରେ ରେଳ ଯାତ୍ରୀମାନେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।

ଉକ୍ତ ଷ୍ଟେସନକୁ ଲାଗି ଥିବା ୧ ନଂ, ୨ନଂ ଓ ୩ ନଂ ପ୍ଲାଟଫର୍ମରେ ଯାତ୍ରୀବାହୀ ଟ୍ରେନ ନରହି ମାଲବାହୀ ଟ୍ରେନ ଛିଡା ହୋଇ ରହୁଥିବା ଦେଖିବାକୁ ମିଳିଥାଏ । ଯାତ୍ରୀବାହୀ ଟ୍ରେନ ଗୁଡିକ ୪ ନଂ ଓ ୫ନଂ ପ୍ଲାଟଫର୍ମରେ ଅଟକି ଥାଏ । ଯାହାଫଳରେ ଯାତ୍ରୀମାନେ ସିଡିରେ ଚଢି ୪ ନଂ ଓ ୫ ନଂକୁ ଯାଇ ଟ୍ରେନରେ ଯିବା ଆସିବା କରୁଛନ୍ତି । ସେଗୁଡିକ ପ୍ଲାଟଫର୍ମଟି କେତେ ନମ୍ବର ବୋଲି କୌଣସି ସୂଚନା ଫଳକ ନଥିବା ବେଳେ ଷ୍ଟେସନ ଡାକବାଜି ଯନ୍ତ୍ର ଦ୍ୱାରା ଯାତ୍ରୀମାନଙ୍କୁ ଯେଉଁ ସୂଚନା ଦିଆଯାଇଥାଏ ତାହା ଯାତ୍ରୀମାନଙ୍କୁ ସ୍ୱଷ୍ଟ ଭାବେ ଶୁଣାଯାଏନାହିଁ । ୪ ନଂ ଓ ୫ନଂ ପ୍ଲାଟଫର୍ମଟି ଉଚ୍ଚା କରାଯାଇ ନାହିଁ । ତଳ ନିଚା ଥିବାରୁ ବରିଷ୍ଠ ନାଗରିକମାନେ ଟ୍ରେନ୍ ଉପରକୁ ଚଢିବା ଓହ୍ଲାଇବା କଷ୍ଟକର ହେଉଛି । ସେମାନେ ନିଜର ସମ୍ପର୍କୀୟ କିମ୍ବା ଅନ୍ୟ ବ୍ୟକ୍ତିମାନଙ୍କ ସାହାଯ୍ୟରେ ଟ୍ରେନ୍ ଉପରକୁ ଉଠି ଯାଉଥିବା ଦେଖିବାକୁ ମିଳିଛି । ଏହି ଷ୍ଟେସନରେ କୌଣସି ପାନୀୟ ଜଳ କିମ୍ବା ଶୌଚାଳୟ ଦେଖିବାକୁ ମିଳେନାହିଁ । ଷ୍ଟେସନ କଡର ଥିବା ୧ ନଂ ଓ ୨ନଂ ପ୍ଲାଟଫର୍ମଟି ଉଚ୍ଚାରେ ରହିଛି ଏବଂ ଯାତ୍ରୀମାନେ ସହଜରେ ଟ୍ରେନରେ ଚଢିବା ଓ ଓହ୍ଲାଇବା ସହଜ ଥିଲେ ମଧ୍ୟ ସେହି ପ୍ଲାଟଫର୍ମରେ ମାଲବାହୀ ଟ୍ରେନ ଠିଆକରି ରଖାଯାଉଥିବା ଯୋଗୁଁ ବରିଷ୍ଠ ନାଗରିକ ଓ ଛୋଟ ଛୋଟ ପିଲାମାନଙ୍କୁ ନେଇ ସିଡି ଚଢି ତଳ ନିଚ୍ଚାରୁ ଟ୍ରେନ ଉପରକୁ ଉଠି ଯିବା ଆସିବା କଷ୍ଟକର ହେଉଥିବା ଅଭିଯୋଗ ହୋଇଛି । ଏହି ଷ୍ଟେସନରେ ବରିଷ୍ଠ ନାଗରିକମାନେ ସିଡିକୁ ଉଠିବା ପାଇଁ ଲିଫ୍ଟ ବ୍ୟବସ୍ଥା ନାହିଁ । ଏହିପରି ଅନେକ ମୌଳିକ ସୁବିଧା ସୁଯୋଗ ନଥିବା ରେଳ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ଦିଗରେ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଯାତ୍ରୀମାନେ ଦାବୀ କରିଛନ୍ତି ।

# ସମାଜସେବୀ କ୍ଷୀରୋଦ ସାହୁଙ୍କୁ ସେବାରତ୍ନ ସମ୍ମାନ



ତାଳଚେର, (ସବ୍ୟୁ) : ନୂଆଦିଲ୍ଲୀର ରାଇସିନା ରୋଡ୍ ସ୍ଥିତ ପ୍ରେସ୍ କ୍ଲବ ଅଫ୍ ଇଣ୍ଡିଆର ସମ୍ମିଳନୀ ଗୃହ ଠାରେ କଳିଙ୍ଗ ଏଜୁକେସନାଲ୍ ଏବଂ ସୋସିଆଲ୍ ୱେଲ ଫେୟାର ଟ୍ରଷ୍ଟ ପକ୍ଷରୁ ଭାରତରତ୍ନ ଡ. ଏପିଜେ ଅବଦୁଲ୍ କାଲାମ୍ ଙ୍କର ୯୩ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ସଂଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେରର ସମାଜସେବୀ କ୍ଷିରୋଦ ସାହୁଙ୍କୁ ଭାରତୀୟ ସେବା ରତ୍ନ ସମ୍ମାନ ୨୦୨୪ରେ ସମ୍ମାନୀତ କରାଯାଇଛି । କାର୍ଯ୍ୟକ୍ରମର ଉଦ୍ଘାଟନ ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ଭାରତୀୟ ସେବା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବାର ରାଷ୍ଟ୍ରଦୂତ ଡ. ଅମରେନ୍ଦ୍ର ଖଟୁଆ, ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବଳରାମ ପାଣି, ସ୍ୱତନ୍ତ୍ର ଅତିଥି ଭାବେ ଭାରତ ସରକାରଙ୍କ ଗାନ୍ଧୀ ସ୍ମୃତି ସମିତିର ନିର୍ଦ୍ଦେଶକ ଜ୍ୱାଲା ପ୍ରସାଦ, ସମ୍ମାନୀତ ଅତିଥି ଭାବେ ନୂଆଦିଲ୍ଲୀର ଦୂରଦର୍ଶନ ନିୟୁଜ୍ ର ବରିଷ୍ଠ ଏଡିଟର ଓ.ପି.ଯାଦବ, ନେସ୍ନାଲ୍ ନିୟୁଜ୍ ସର୍ଭିସ୍ ର ଚେୟାରମ୍ୟାନ୍ ଶ୍ରୀରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ମଦୁଆ ଚାଳକ ଗିରଫ, ୩ ବାଇକ ଜବତ

ଠାକୁରଗଡ଼ , (ସବ୍ୟୁ) : ହଣ୍ଡପା ପୋଲିସ ଗୁରୁବାର ରାତି ରେ ହଣ୍ଡପା ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱ ଆସୁଥିବା ସମସ୍ତ ବାଇକ ଗୁଡିକ କୁ ଯାଞ୍ଚ କରାଯାଇଛି । ଏହି ସମୟ ରେ ମଦ୍ୟପାନ କରି ବାଇକ ଚଲାଉଥିବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ସାନ ଗୋବିନ୍ଦପୁର ଅଞ୍ଚଳର ଶରତ ସାହୁ , ପ୍ରତାପପୁର ଅଞ୍ଚଳର ଚିତ୍ତରଞ୍ଜନ ସାହୁ , ଗୁଣ୍ଡୁରିମୁଣ୍ଡା ଗ୍ରାମର ଲକ୍ଷ୍ମଣ ବେହେରାଙ୍କୁ ଗିରଫ କରାଯାଇଛି । ଏଥିସହ ସେମାନ ଙ୍କ ର ୩ ଟି ବାଇକକୁ ଜବତ କରାଯାଇଛି । ଏ ନେଇ ଗୁରୁବାର ୩ ଟି ମାମଲା ରୁଜୁ କରାଯାଇଛି ।

# ବୃଦ୍ଧା ନିଖୋଜ ଅଭିଯୋଗ

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନୟାଭାଗିରଥିପୁର ପଞ୍ଚାୟତ ଅଧୀନ କାଲୁସାହୁ କାଟେଣି ଗ୍ରାମର ମହେଶ୍ୱର ସାହୁ (୬୫) ବର୍ଷ ନାମକ ବୃଦ୍ଧା ନିଖୋଜ ଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ସେମାନଙ୍କ କହିବା ଅନୁଯାୟୀ ମହେଶ୍ୱର ସାହୁ ଦିନ ପ୍ରାୟ ୧୨.୩୦ମିନିଟ୍ ସମୟରେ ଘର ନିକଟସ୍ଥ ରେଙ୍ଗାଳି କେନାଲକୁ ଗାଧୋଇବାପାଇଁ ଯାଇଥିଲେ । ତାଙ୍କର ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ କେନାଲ ପାଖକୁ ଯାଇ ଦେଖିଲା ବେଳକୁ ମହେଶ୍ୱର ସାହୁଙ୍କର ଗାମୁଛା ଓ ଚପଲ କେନାଲ ଉପରେ ରହିଛି କିନ୍ତୁ ମହେଶ୍ୱର ସାହୁଙ୍କୁ ପାଇନଥିଲେ । ଆଖପାଖରେ ନପାଇବାରୁ ହିନ୍ଦୋଳ ରୋଡ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମହେଶ୍ୱର ସାହୁଙ୍କୁ ପାଇନଥିଲେ । ଏଣୁ ମହେଶ୍ୱର ସାହୁ ପାଣିରେ ବୁଡି ଯାଇଛନ୍ତି କି ଅନ୍ୟ କେଉଁ ଆଡେ ଯାଇଛନ୍ତି ତାହା ଜଣାପଡିନାହିଁ । ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ।

# ଫାଷ୍ଟଗେଟ୍‌ର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କଲେ ସାଂସଦ

ତାଳଚେର, (ସବ୍ୟୁ) : ତାଳଚେର ପୌରାଂଚଳର ସର୍ବ ପୁରାତନ ଐତିହ୍ୟ ଫାଷ୍ଟଗେଟ୍‌ର ପୁନରୁଦ୍ଧାର କାର୍ଯ୍ୟକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ତଦାରଖ କରିଥିବା ଜଣାପଡିଛି । ସାଂସଦ ଶ୍ରୀ ପାଣି ତାଳଚେର ଗସ୍ତରେ ଆସିଥିବା ବେଳେ ବୁଧବାର ସଂଧ୍ୟାରେ ତାଳଚେରର ପ୍ରବେଶ ଦ୍ୱାର ଫାଷ୍ଟଗେଟ୍‌ର ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହିତ ତଦାରଖ କରିଥିଲେ ଏବଂ ପଚାରି ବୁଝିଥିଲେ । ଏହି ତଦାରଖ ଓ ପରିଦର୍ଶନ ବେଳେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ପୌର ଯନ୍ତ୍ରୀ ଏବଂ ୱାର୍ଡବାସୀ ଉପସ୍ଥିତ ଥିଲେ ।

# ତାଳଚେର ମାରୱାଡ଼ି ସମାଜର ନିର୍ବାଚନ

ତାଳଚେର, (ସବ୍ୟୁ) : ଦୁଇବର୍ଷ ପାଇଁ ଆଜି ତାଳଚେର ମାରୁୱାଡ଼ି ସମାଜର ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଛି । ସନ୍ଧ୍ୟା ୮ଘଟିକା ସମୟରେ ସ୍ଥାନୀୟ ମଦନମୋହନ ଧର୍ମଶାଳାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଗତବର୍ଷର ଆୟବ୍ୟୟର ହିସାବ ଦିଆଯାଇଥିଲା ଏବଂ ସର୍ବସମ୍ମତିକ୍ରମେ ଏହାକୁ ଗ୍ରହଣ କରାଯାଇଥିଲା । ଏହାପରେ ନିର୍ବାଚନ ପରିଚାଳନାକାରୀ ଭାବେ ଦେବରାଜ ଜୈନ ରାଜକିଶୋର ଅଗ୍ରୱାଲ, ଡ଼ା.ନିବାସ ପ୍ରସାଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ । ସଭାପତି ପ୍ରାର୍ଥୀପାଇଁ ମହେଶ ଅଗ୍ରୱାଲ, ଶଙ୍କର ଲାଲ ମୋଦି, ସମ୍ପାଦକ ପ୍ରାର୍ଥୀପାଇଁ ବଜରଙ୍ଗ ଅଗ୍ରୱାଲ ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ମନୋଜ ଅଗ୍ରୱାଲ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ଜଣାପଡ଼ିଛି । ପୂର୍ବତନ ସଭାପତି ପ୍ରାର୍ଥି ଶଙ୍କରଲାଲ ମୋଦୀ ସଭାପତି ପ୍ରାର୍ଥିରୁ ଓହରି ନୂତନ ସଭାପତିଙ୍କୁ ଦାୟୀତ୍ୱ ଅର୍ପଣ କରିଥିଲେ । ନିର୍ବାଚନରେ ବିଜୟୀ ହୋଇଥିବା କର୍ମକର୍ତାମାନଙ୍କୁ ସମସ୍ତ ସଭ୍ୟମାନେ ଅଭିନନ୍ଦନ ଜଣାଇଥିଲେ ।

# କଳମଚ୍ଛୁଇଁ ଶିଶୁମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

ସାଉଥବଲଣ୍ଡା,(ସବ୍ୟୁ) :ତାଳଚେର ବ୍ଲକ କଳମଚ୍ଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୁରାତନ ଛାତ୍ର ଛାତ୍ରୀମାନଙ୍କର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା ଓ କୋଷାଧକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଚାର୍ଯ୍ୟ ମଳୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିଥିମାନେ ପୂର୍ବ ଛାତ୍ର,ଛାତ୍ରୀମାନେ ନିଜ ବିଦ୍ୟାଳୟ ପ୍ରତି ସଦାସର୍ବଦା ଆନୁଗତ୍ୟ ଭାବ ପ୍ରକାଶ କରିବା ସହ ବିଦ୍ୟାଳୟର ବିବିଧ ବିକାଶନ୍ମୁଖୀ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଏହାସହିତ ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ସେମାନଙ୍କର ଅଧ୍ୟୟନ କରୁଥିବାର ସ୍ମୃତିଚାରଣ କରିବା ସହ ଆଗାମୀ ବର୍ଷ ବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ସେମାନେ ସାମିଲ ହେବାକୁ ସଂକଳ୍ପ ନେଇଥିଲେ । ୭୨ ଜଣ ପୂର୍ବ ଛାତ୍ର ଓ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପୂର୍ବ ଛାତ୍ର ପରିଚାଳନା ସମିତି ଗଠନ କରାଯାଇଥିଲେ । ପ୍ରସାଦ ମହାନ୍ତି ସଂଯୋଜକ, ସଭାପତି ଭାବରେ ନିକ୍ଷିତ କୁମାର ରଥ, ଉପ ସଭାପତି ସ୍ୱସ୍ତିରୂପା ପ୍ରଧାନ, ସଂପାଦକ ଭାବରେ ଦିବ୍ୟପ୍ରକାଶ ସ୍ୱାଇଁ, ସହ ସଂପାଦକ ଭାବରେ ବିକାଶ ରଞ୍ଜନ ଗଡ଼ନାୟକ, କୋଷାଧକ୍ଷ ସୁମନ ସାହୁ ଓ ସଦସ୍ୟା ଭାବରେ ତୁଳସୀ ସାହୁ, କ୍ରିଷ୍ଣା ଗୋପାଳ ସାହୁ, ଅନିଷା ବେହେରା, ସ୍ୱସ୍ତିକା ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ବୈଦେହୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ କୁମୁଦ ବେହେରା, ବୈଦେହୀ ସାହୁ, ଭଗବତୀ ମହାପାତ୍ର, ରୀତା ଭୂତିଆ, ଅର୍ଚ୍ଚନା ସାହୁ, ଭଗବାନ ବେହେରା, ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସାମାଜିକ କର୍ମୀ ଅର୍ଜୁନ ସାହୁ ସମ୍ବର୍ଦ୍ଧିତ




ଠାକୁରଗଡ଼/ଆଠମଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ସାମାଜିକ କର୍ମୀ ଅର୍ଜୁନ ସାହୁଙ୍କୁ ସୋମବାର ଦିନ ନୂଆଦିଲ୍ଲୀସ୍ଥିତ ପ୍ରେସ କ୍ଲବ 'ପ୍ରେସ କ୍ଲବ ଅଫ ଇଣ୍ଡିଆ' ଠାରେ ଭାରତ ଗୌରବ ସମ୍ମାନ ୨୦୨୪ରେ ସମ୍ମାନିତ କରାଯାଇଛି । ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼ ଏପିଜେ ଅବଦୁଲ କାଲାମ ଙ୍କ ସ୍ମୃତି ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଡ଼ ଅମରେନ୍ଦ୍ର କଷ୍ଟୁଆ, ପ୍ରଫେସର ବଲାମ ପାଣି, ଡ଼ ଜ୍ୱାଲା ପ୍ରସାଦ, ଡ଼ ଓପି ଯାଦବ, କେସି ସିଂ ଯୋଗଦେଇ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅର୍ଜୁନ ସାହୁ ଆଠମଲ୍ଲିକ ଉପଖଣ୍ଡରେ ଅନେକ ସାମାଜିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ତାଙ୍କର ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୈବଲ୍ୟ ବଜାର ପୂଜା ମଣ୍ଡପରେ ପୂଜାର୍ଚ୍ଚନା କଲେ ସାଂସଦ

ଢେଙ୍କାନାଳ,(ସବ୍ୟୁ) : ୧୯୫୯ରେ ଆରମ୍ଭ ହୋଇଥିବା କୈବଲ୍ୟ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନକୁ ୬୬ବର୍ଷ ପୁରିଲା । ଏଠାରେ ସ୍ୱର୍ଣ୍ଣ କୀରିଟ ଓ ସ୍ୱର୍ଣ୍ଣ ଅଳଙ୍କାର ବିଭୁଷିତା ମା'ଲକ୍ଷ୍ମୀଙ୍କ ପୃଷ୍ଠ ଦେଶରେ ଶୋଭା ପାଉଛି ରୌପ୍ୟ ମେଢ । ମୀନାବଜାର ପରେ ଢେଙ୍କାନାଳ ସହରର ଦ୍ୱିତୀୟ ଚାନ୍ଦିମେଢ ଭାବେ ଏହା ୨୦୧୪ରୁ ଶୋଭାମଣ୍ଡନ କରିଆସୁଛି । ଏହି ମେଢରେ ୧ କ୍ୱିଂଟାଲ୍ ଓଜନର ରୌପ୍ୟ ଆବରଣ ଲାଗିହୋଇଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏହି ମଣ୍ଡପରେ ପହଁଚି ପୂଜାର୍ଚ୍ଚନା କରିଥିଲେ । ମା'ଙ୍କର ଆଳତୀ ଓ ଚାମର ସେବା କରି ପୁଷ୍ପାଞ୍ଜଳି ଦେଇଥିଲେ । ତାଙ୍କ ସହ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସାମାଜିକ କର୍ମୀ ଶ୍ରୀନିବାସ ଷଡଙ୍ଗୀ, ସାମ୍ବାଦିକ ଜିତେନ୍ଦ୍ର ପଟ୍ଟନାୟକ, ସଦାଶିବ ମହାପାତ୍ର, ଆଦିତ୍ୟ ପଣ୍ଡା, ପୂଜା କମିଟିର ସଂପାଦକ ସନ୍ଦୀପ ଷଡଙ୍ଗୀ ଓ ଅନ୍ୟ ବହୁ ଯୁବ କର୍ମକର୍ତା ଉପସ୍ଥିତ ରହି ମା'ଙ୍କୁ ପୁଷ୍ପାଞ୍ଜଳି ଦେଇଥିଲେ । ଏପରିକି ସାଂସଦ ଶ୍ରୀ ପାଣି ନିଜେ ମା'ଙ୍କ ଆଗରେ ଘଂଟ ବାଦନ କରିଥିଲେ । ପ୍ରକାଶଥାଉକି, ସାଂସଦ ଶ୍ରୀ ପାଣିଙ୍କ ନିଜ ଘର ଢେଙ୍କାନାଳ ଦେଉଳସାହିରେ ଅଟେ । ଏହି ବଜାରର ସଭାପତି ଭାବେ ରାଜା କାମାକ୍ଷା ପ୍ରସାଦ ସିଂହଦେଓ ରହିଛନ୍ତି ।

# ବରିଷ୍ଠ ସାମ୍ବାଦିକଙ୍କୁ ଦେବର୍ଷି ନାରଦ ସମ୍ମାନ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ୧୯୮୪ରୁ ସାମ୍ବାଦିକତା ଆରମ୍ଭ କରିଥିବା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥଙ୍କୁ ଚଳିତ ବର୍ଷ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ୩୯ତମ ବାର୍ଷିକୋତ୍ସବର ଉଦ୍ଘାଟନୀ ଦିବସରେ 'ଦେବର୍ଷି ନାରଦ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ଅଭିନବ ସୋନ୍‌କର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରୀ ରଥଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ନଟରାଜ ଅନୁଷ୍ଠାନର ସ୍ମାରକୀ ଓ ବନ୍ଧାଇ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଶ୍ରୀ ରଥ ଅତୀତରେ ଢେଙ୍କାନାଳ ଆଇନ୍ ମହାବିଦ୍ୟାଳୟ ଓ ଭାରତୀୟ ଜନସଂଚାର ସଂସ୍ଥାନ ଢେଙ୍କାନାଳର ଜଣେ ସାମୟିକ ଅଧ୍ୟାପକ ଭାବେ ଅଧ୍ୟାପନା କରିଥିଲେ । ଜିଲ୍ଲାର ବିଶିଷ୍ଟ ପରିବେଶବିତ୍ ଭାବେ 'ମହିମା ପରିବେଶ ସମ୍ମାନ' ଜିଲ୍ଲା ପ୍ରଶାସନ ପକ୍ଷରୁ ଲାଭ କରିଥିଲେ । ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର, ପ୍ରକୃତିବନ୍ଧୁ ପୁରସ୍କାର, ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଏବଂ ପରିବେଶ କ୍ଲବ୍ ସମୁହର ବରିଷ୍ଠ ମାଷ୍ଟର ଟ୍ରେନର୍ ଭାବେ ମଧ୍ୟ ଶ୍ରୀ ରଥଙ୍କ ପରିଚିତ୍ ରହିଛି । ଜଣେ ବିଶିଷ୍ଟ ସମାଜସେବୀ ଭାବେ ସେ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ, ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ଓ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଦୃଷ୍ଟିହୀନ ଓ ବଧିର ବିଦୟାଳୟର ସଭାପତି ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି ।

# ବଇଣ୍ଡାରେ ପ୍ରବଚନ କାର୍ଯ୍ୟକ୍ରମ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ର କଦଳୀମୁଣ୍ଡା ଠାରେ ଗୁରୁବାର ଦିନ ଠାରୁ ପ୍ରବଚନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବଚକ ମହେଶ ସାହୁ ଯୋଗ ଦେଇ ଆଧାମ୍ରିକ ସମ୍ପର୍କରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ପ୍ରବଚନ ଦେଇଥିବା ବେଳେ ନାରୀମାନେ କିଭଳି ଲକ୍ଷ୍ମୀଙ୍କୁ ପୂଜା କରିଲେ ଲକ୍ଷ୍ମୀ ଶାନ୍ତି ହେବେ ସେ ସମ୍ପର୍କରେ ପ୍ରବଚନ ଦେଇଥିଲେ । ଏଥିରେ ଚିନ୍ତାମଣୀ ସାହୁ ଓ ତାଙ୍କର ସହଯୋଗୀ ମାନେ ଉପସ୍ଥିତ ଥିବା ବେଳେ ପୂଜା କମିଟିର ଅଜିତ ପଟ୍ଟନାୟକ , ଅରବିନ୍ଦ ପ୍ରଧାନ , ସଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ରକ୍ତଦାନ ଶିବିର : ୪୨ ୟୁନିଟ ସଂଗ୍ରହ

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବଡ଼ବର ଗ୍ରାମରେ ଶୁକ୍ରବାର ଦିନ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ପୂଜା କମିଟି ର ସଦସ୍ୟ ଟୁକୁନ ପ୍ରଧାନ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ପ୍ରଶାନ୍ତ ସାହୁ, ସୁଶୀଲ ସାହୁ, ଚିକୁନ ପ୍ରଧାନ, ରାଜୁ ସାହୁ, ଓଁ ପ୍ରଧାନ, ଟୁଲୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଗ୍ରାମର ଯୁବକଯୁବତୀମାନେ ଯୋଗ ଦେଇ ରକ୍ତ ଦାନ କରିଥିଲେ । ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଗୋଳ ବ୍ଲଡ଼ ବ୍ୟାଙ୍କ ର ଡାକ୍ତର କିଶୋର ଚନ୍ଦ୍ର ସାହୁ ଯୋଗଦେଇ ରକ୍ତଦାତା ମାନଙ୍କର ରକ୍ତ ଚାପ ପରୀକ୍ଷା କରିଥିଲେ । ପୂଜା କମିଟି ର କର୍ମକର୍ତା ମାନେ ସହଯୋଗ କରିଥିଲେ ।

# ମହୁଲପାଳରେ ମା' ଲକ୍ଷ୍ମୀଙ୍କ ପୂଜା



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ମହୁଲପାଳ ଗ୍ରାମରେ ମାଆ ଧନଦାତ୍ରୀଙ୍କ ପୂଜାର୍ଚ୍ଚନା ଦିର୍ଘ ଏକ ଶହ ବର୍ଷ ଧରି ଚାଲିଥିବା ବେଳେ ଗ୍ରାମରେ ରଙ୍ଗୀନ ଆଲୋକ ଓ ତୋରଣରେ ସଜେଇ ହୋଇଛି । ମାଆ ଧନଦାତ୍ରୀଙ୍କ ପୂଜା ପାଇଁ ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଜିଲ୍ଲାର ଗାଁଠୁ ସହର ସବୁଠାରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୁଏ । କାମାକ୍ଷାନଗର ବ୍ଲକ ମହୁଲପାଳ ଗାଁରେ ଆଜକୁ ଏକ ଶହ ବର୍ଷରୁ ଉର୍ଦ୍ଧ ସମୟ ଧରି ଅନୁଷ୍ଠିତ ହେଉଛି ମା ଙ୍କ ପୂଜା । ରଙ୍ଗୀନ ଆଲୋକମାଳା ଓ ତୋରଣରେ ଝଲସୁଛି ମହୁଲପାଳ । ପ୍ରାୟ ୧୦ ଟି ମଣ୍ଡପରେ ପୂଜା ହେଉଥିବା ବେଳେ ଗ୍ରାମଟି ଉତ୍ସବ ମୁଖର ହୋଇପଡିଛି । କାମାକ୍ଷାନଗର ଅଞ୍ଚଳ ର ବହୁ ପୁରାତନ ଲକ୍ଷ୍ମୀପୂଜା ପାଇଁ ମହୁଲପାଳ ପ୍ରସିଦ୍ଧ ଲାଭ କରିଥିବା ବେଳେ ମାଙ୍କ ଆବାହନ ପାଇଁ ଗାଁ ଏବେ ଚଳ ଚଞ୍ଚଳ ହୋଇଛି । ଦଶଦିନ ଧରି ମହୁଲପାଳ ଗାଁରେ ମାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସାହି ତରଫରୁ ମା ଙ୍କ ସୁସଜ୍ଜିତ ମୁର୍ଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି ।

୧୦ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜା ଦେଖିବାକୁ ଆଖପାଖରେ ଥିବା ବିଭିନ୍ନ ଅଞ୍ଚଳ ରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିବା ବେଳେ ବିଭିନ୍ନ ପ୍ରକାର ର ସାଂସ୍କୃତିକ କାର୍ଯ୍ୟକ୍ରମ, ନାଚ, ଗୀତ, ମେଲୋଡି ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଭାଇଚାରାର ସହ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ ସମୟ ଧରି ମହୁଲପାଳ ଗାଁୟର ବିଭିନ୍ନ ସାହିରେ ମା'ଙ୍କ ପୂଜା ମହାସମାରୋହରେ ପାଳନ କରାଯାଏ ।

# ମହୀଧରପୁରରେ ମୟୁରୀ ପାଇଁ ପ୍ରସ୍ତୁତି ବୈଠକ

ବଅଁରପାଳ, (ସବ୍ୟୁ) : ବଅଁରପାଳ ବ୍ଲକ ମହୀଧରପୁରରେ କାର୍ତ୍ତିକ ପଞ୍ଚୁକ ସମୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମୟୁରୀ ପାଇଁ ଏକ ପ୍ରସ୍ତୁତି ବୈଠକ ମହୀଧରପୁର ମଧୁକେଶରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଲୋଚନା ହୋଇଥିଲା ଯେ ଚଳିତ ବର୍ଷ ମୟୂରୀର ମୁଖ୍ୟ ଆକର୍ଷଣ ସାଜିବେ ଓଡିଆ ଚଳଚିତ୍ର(ଓଲିଉଡ)ର ଅଭିନେତା ଓ ଅଭିନେତ୍ରୀ । ଏ ନେଇ ସମସ୍ତ ବ୍ୟବସ୍ଥା ହେବ ବୋଲି ଆୟୋଜିତ ବୈଠକରେ ନିଷ୍ପତି ହୋଇଥିଲା । ଏହି ଅବସରରେ ମୟୂରୀ ପାଇଁ କର୍ମକର୍ତା ମନୋନୀତ କରାଯାଇଥିଲା । ଚଳିତ ବର୍ଷ ବିନୋଦ କୁମାର ବେହେରାଙ୍କୁ ସଭାପତି, ସମ୍ପାଦକ ଭାବେ ଭରତ କୁମାର ସାହୁଙ୍କୁ ଚୟନ କରାଯାଇଥିଲା । ସେହିପରି ସନାତନ ପାଳ ସହ ସମ୍ପାଦକ, ଜୟନ୍ତ କୁମାର ସାହୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା । ଚଳିତ ବର୍ଷ ମୟୁରୀ ଅଧିକ ସରସ ସୁନ୍ଦର ହେବ । ଦଣ୍ଡ ନୃତ୍ୟ, ଧୁଡୁକି ନାଚ, ଦାସ କାଠିଆ କଳାକାରମାନେ ସେମାନଙ୍କ କଳା ପରିବେଷଣ କରିବେ । ସେହିପରି ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନୃତ୍ୟ ମଧ୍ୟ ବେଶ ଆକର୍ଷଣୀୟ ହେବ । ଏହାସହ ଜିଲା ବାହାରୁ ମଧ୍ୟ ନୃତ୍ୟ ଦଳ ଆସି ସୁନ୍ଦର ଓ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିବେ । ସମ୍ବଲପୁରୀ, ଢୁଲଢୁଲି, ଘୋଡ଼ାନାଚ ଦଳ ସାମିଲ ହେବେ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସେହିପରି ଉତ୍ସବ ଚାଲିଥିବା ବେଳେ ଶାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଫଳରେ ମୟୁରୀକୁ ଉପଭୋଗ କରିବାକୁ ଆସୁଥିବା ହଜାର ହଜାର ଦର୍ଶକ ଯେପରି ହତାଶ ହେବେ ନାହିଁ । ତେଣୁ ସୁରକ୍ଷା ବ୍ୟବସ୍ଥା ଉପରେ କମିଟି ଅଧିକ ନଜର ରଖିବା ଏ ନେଇ ଗ୍ରାମର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ପୂର୍ବତନ ସଭାପତି ରାଜେଶ କୁମାର ନାୟକଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୨୨)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )
ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।
ଇନ୍ଦ୍ରିୟାଣା ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।।୨୨।।
ମୁଁ ଦେବତାମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ଚେତନା (ଜ୍ଞାନଶକ୍ତି) ।।୨୨।।

# ଅହଂକାର ଏକ ଦାର୍ଶନିକ ପରିଭାଷା

ସମ୍ପାଦକୀୟ

ଋଷି କପିଳ ସାଂଖ୍ୟଦର୍ଶନରେ ଏହାର ପାରିଭାଷିକ ପ୍ରୟୋଗ କରିଛନ୍ତି । ସାଧାରଣ ଭାଷାରେ ଏହାକୁ ସ୍ୱାର୍ଥ କୁହାଯାଏ । ନିଜର ବିଷୟକୁ କେନ୍ଦ୍ର କରି, ନିଜର ହିତସାଧନକୁ ସର୍ବଦା ଦୃଷ୍ଟି ସମକ୍ଷରେ ରଖି ଅନ୍ୟର ହିତାହିତ ପ୍ରତି ଦୃଷ୍ଟି ବନ୍ଦ କରିଦେବା ଅହଂକାର ଅଟେ । ଏହି କାର୍ଯ୍ୟରେ ମୋର ଲାଭ ଅଛି କି ନାହିଁ, ଯଦି ଅଛି ତାହାହେଲେ ଏହା ଠିକ୍, ଲାଭ ନ ଥିଲେ ଏହା ଭୁଲ- ଏପରି ଅଛି କି ବିଚାରିବା ସ୍ୱାର୍ଥ ଅଟେ । ସ୍ୱାର୍ଥ ତ୍ୟାଗ ପାଇଁ ବିଚାର ହେଉଛି, ଅଥଚ ସ୍ୱାର୍ଥ ବା ଅହଂକାରରେ ପ୍ରତ୍ୟେକ ବିଷୟ ବିଚାର କରାଯାଉଛି । 'ମୋର-ତୁମର' ବିଚାର ନେଇ କାର୍ଯ୍ୟ କରିବା ପର୍ଯ୍ୟନ୍ତ ସଂକୀର୍ଣ୍ଣତା ଓ ସ୍ୱାର୍ଥଭାବନା ଲାଗି ରହିଥିବ । ସ୍ୱାର୍ଥ ଭିତ୍ତିରେ ଗଢ଼ା ଯାଇଥିବା ଅନୁଷ୍ଠାନ ବ୍ୟକ୍ତି-ବିକାଶର ସହାୟକ ହେବ ନାହିଁ, ବରଂ ବାଧକ ହେବ । ଯଦି କୁଟୁମ୍ବ ମଧ୍ୟରେ ବ୍ୟକ୍ତି ନିଜ ସ୍ୱାର୍ଥରେ ଲିପ୍ତ ରହେ, ତାହାହେଲେ କୁଟୁମ୍ବ ଓ ବ୍ୟକ୍ତି ଉଭୟର ବିକାଶ ସମ୍ଭବ ନୁହେଁ । ସମାଜସେବା କରିବାବେଳେ କୁଟୁମ୍ବର ଆକର୍ଷଣ ଦ୍ୱାରା ଆକୃଷ୍ଟ ହେବା ଫଳରେ, ନିଜ କୁଟୁମ୍ବ ପ୍ରତି ସ୍ୱାର୍ଥ ଭାବନାକୁ ସର୍ବଦା ମନରେ ଜାଗରୁକ ରଖିଲେ, ସେବାକାର୍ଯ୍ୟରେ ଉଦାସୀନତା ଦେଖାଯିବା ସ୍ୱାଭାବିକ । ଏଭଳି ସମାଜସେବୀ ସମାଜ, ପରିବାର ବା ନିଜର ଉନ୍ନତିରେ ସଫଳ ହୁଅନ୍ତି ନାହିଁ । ନିଜ ସ୍ତ୍ରୀ ସନ୍ତାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରି ନିଜର ନୌକାରଚାକରଙ୍କୁ ଭଲ କରି ମୁଠାଏ ଖାଇବାକୁ ବା ଭଲକରି ଖଣ୍ଡେ ପିନ୍ଧିବାକୁ ଦେଉ ନ ଥିବା ଲୋକେ ଦେଶସେବା ବିଷୟ ପ୍ରଚାର କରିବା ବିଡମ୍ବନା ମାତ୍ର । ସ୍ତ୍ରୀ ସନ୍ତାନମାନଙ୍କ ମୋହ ଛାଡ଼ି ନ ପାରି ସାମାଜିକ କ୍ଷେତ୍ରରୁ ଘରକୁ ଦୌଡ଼ି ଆସିବା ବିକାଶର ଲକ୍ଷଣ ନୁହେଁ । ଶିଶୁମେଳା କର୍ମକର୍ତ୍ତାଗଣ ଯଦି ମେଳାରେ ନିଜ ଶିଶୁ ସନ୍ତାନଙ୍କ କୌଶଳ ପ୍ରଦର୍ଶନରେ ବିଶେଷ ଆତୁରତା ଦେଖାନ୍ତି, ନିଜ ଶିଶୁମାନଙ୍କ ଅଭିନୟବେଳେ ଦର୍ଶକମଣ୍ଡଳୀ କିପରି କରତାଳି ଦେବେ ତାହାର ଆୟୋଜନ କରନ୍ତି, ତାହାହେଲେ ଏଭଳି ମୋହ ବା ସ୍ୱାର୍ଥ ମେଳାର ସଂଗଠନ ପକ୍ଷେ କ୍ଷତିକାରକ । ଏହା ନିଜ ବ୍ୟକ୍ତିତ୍ୱର ବିକାଶ ପଥରେ ମଧ୍ୟ ବାଧକ ।

କ୍ରାମୱେଲ୍ ଇଂଲଣ୍ଡରେ ସୁଶାସନ ପ୍ରତିଷ୍ଠା ପାଇଁ ଉଦ୍ୟୋଗ କରିଥିଲେ । ଅତ୍ୟାଚାରୀ ରାଜାମାନଙ୍କ କବଳରୁ ପ୍ରଜାଙ୍କୁ ରକ୍ଷା କରିବା ପାଇଁ ସଂଗ୍ରାମ କରିଥିଲେ । କିନ୍ତୁ ଏଥିରେ ସଫଳ ହେବା ପରେ ଅହଂକାର ଯୋଗୁଁ ନିଜ ଉତ୍ତରାଧିକାରୀଙ୍କୁ ରାଜସିଂହାସନରେ ବସାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ନେପୋଲିଅନ୍ ଫ୍ରାନ୍ସ ଦେଶର ଉନ୍ନତି ପାଇଁ ଘୋର ପ୍ରଚେଷ୍ଟା କରିଥିଲେ । ଫ୍ରାନ୍ସର ଯଥେଷ୍ଟ ଉନ୍ନତି ସାଧନ କରିଥିଲେ । ପରନ୍ତୁ ଜ୍ଞାତିକୁଳ ପାଇଁ ଅହଂକାରକୁ ଏଡ଼ି ନ ପାରି ସେମାନଙ୍କୁ ଫ୍ରାନ୍ସର ଶାସନଗାଦିରେ ବସାଇବା ପାଇଁ ଷଡ଼ଯନ୍ତ୍ର କଲେ । ଏହା ଫଳରେ ଫ୍ରାନ୍ସର ପତନ ହେଲା । ଆମ ଭାରତବର୍ଷର ରାଜାମାନଙ୍କ ମଧ୍ୟରେ ଯେଉଁ କଳହ ହେଉଥିଲା, ତାହାର ମୂଳରେ ନିଜ ବଂଶ ଓ ଜ୍ଞାତିକୁଟୁମ୍ବ ପ୍ରତିଷ୍ଠା କରାଇବା ଅଭିଳାଷ ରହୁଥିଲା । ଫଳରେ ଦେଶର ଅଧଃପତନ ହେଲା ।

ପ୍ରକୃତି ଆତ୍ମାକୁ ଆବୃତ କରିବା ପାଇଁ ପ୍ରୟାସ କରେ । ଅହଂକାର ବା ସ୍ୱାର୍ଥ ବ୍ୟକ୍ତି ବିକାଶକୁ ପଦେ ପଦେ ବାଧା ଦିଏ । ପ୍ରକୃତି- ବନ୍ଧନକୁ ଜୟ ନ କଲେ ବ୍ୟକ୍ତିର ବିକାଶ ରୁଦ୍ଧ ହୋଇଯାଏ । ନିଜ ସ୍ୱାର୍ଥକୁ ଆଗରେ ରଖି କାର୍ଯ୍ୟ କଲେ, ବ୍ୟକ୍ତି କୁଟୁମ୍ବ ପାଇଁ ଯୋଗ୍ୟ ହୁଏ ନାହିଁ । କୁଟୁମ୍ବକୁ ସମ୍ମୁଖରେ ରଖି ଗ୍ରାମସେବା କଲେ, ମନୁଷ୍ୟ ଉପଯୁକ୍ତ ଗ୍ରାମସେବକ ହୋଇପାରେ ନାହିଁ । ସ୍ୱାର୍ଥକୁ ମୁଖ୍ୟ କରି ନିଜ ଅଞ୍ଚଳବାସୀଙ୍କ ନେତୃତ୍ୱ ନେବା ସମୟରେ ନିରପେକ୍ଷତା ଓ ନ୍ୟାୟ ରକ୍ଷା କରିପାରେ ନାହିଁ । ବିକାଶର କ୍ରମ ହେଉଛି କ୍ଷୁଦ୍ର ବନ୍ଧନ ମଧ୍ୟକୁ ଯାଇ ତାହାକୁ କାଟି ବାହାରି ପଡ଼ିବା ଏବଂ ବିସ୍ତୃତ କ୍ଷେତ୍ର ମଧ୍ୟରେ ପ୍ରବେଶ କରିବା । ପୁନରାୟ ନୂତନ ବନ୍ଧନରୁ ମୁକ୍ତ ହୋଇ ସେଥିରୁ ଶିକ୍ଷା ଗ୍ରହଣ କରି ବିଶାଳତାର କ୍ଷେତ୍ରକୁ ଗତି କରିବା । କୀଟ-ପତଙ୍ଗ ପରି ନିଜ ସନ୍ତାନମାନଙ୍କ ଭରଣପୋଷଣରେ ଜୀବନଯାକ ଲାଗି ରହିବା ବିକାଶର ଚିହ୍ନ ନୁହେଁ । ପ୍ରକୃତପକ୍ଷରେ ଏଥିରେ ମାନବାତ୍ମାକୁ ସନ୍ତୋଷ ମିଳେ ନାହିଁ । ନିଜର କଲ୍ୟାଣସାଧନରେ ତୃପ୍ତି ମିଳେ ସତ, ପରନ୍ତୁ ଅନ୍ୟର ହିତସାଧନ କରିବା ବେଳେ ତତୋଧିକ ତୃପ୍ତି ଜାତ ହୁଏ, ଆନନ୍ଦ ମିଳେ । ଏହା ସତ୍ତ୍ୱେ ସମସ୍ତେ ନିଜ ନିଜ ଚିନ୍ତାରେ ହିଁ ବ୍ୟସ୍ତ ରହନ୍ତି । ସ୍ୱାର୍ଥସର୍ବସ୍ୱ ହୋଇଯାଆନ୍ତି । ଏହାର ଏକମାତ୍ର କାରଣ ଯେ ଅହଂକାର, ଅନ୍ୟର ହିତକାମନା ପାଇଁ ବାଧା ସୃଷ୍ଟି କରେ । ସର୍ବପ୍ରଥମେ ପରିବାର ବନ୍ଧନରୁ ବାହାରି ବିସ୍ତୃତ କ୍ଷେତ୍ରକୁ ନ ଯିବା ପାଇଁ ନାନା ପ୍ରଲୋଭନ ସୃଷ୍ଟି କରେ । ବ୍ୟକ୍ତି ପରିବାର ବନ୍ଧନରୁ ବାହାରି କୁଳ ବା ଜାତିର କଲ୍ୟାଣ ସାଧନରେ ବ୍ରତୀ ହେବାବେଳେ ଅହଂକାର ପୁନରାୟ ନିଜ ସ୍ୱରୂପ ପ୍ରକଟିତ କରି ଏଥିରେ ପ୍ରତିବନ୍ଧକ ହୁଏ । ବନ୍ଧୁଜନଙ୍କ ପ୍ରତି ପ୍ରିୟାପ୍ରୀତି ତାହାକୁ ଅଧିକ ଅଗ୍ରସର ହେବା ପାଇଁ ସହାୟକ ହୁଏ ନାହିଁ । ସେହିପରି ଦେଶସେବା କାର୍ଯ୍ୟରେ ଯୋଗ ଦେବାବେଳେ ଅହଂକାର ଆର୍ବିଭୁତ ହୁଏ । ଆଞ୍ଚଳିକ ମନୋଭାବ ନେଇ ବାଧା ସୃଷ୍ଟି କରେ । ବିଶ୍ୱଶାନ୍ତି ଆଚରଣ କରିବାବେଳେ ଜାତୀୟ ମନୋଭାବ ରୂପରେ ପ୍ରତିବନ୍ଧନ ହୋଇ ଠିଆ ହୁଏ । ମୋର କୁଟୁମ୍ବ, ମୋର କୁଳ, ମୋର ଅଞ୍ଚଳ, ମୋର ଦେଶ ଏହି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ଅହଂକାର ଆତ୍ମଶକ୍ତିକୁ ଆବୃତ କରି ରଖିବାକୁ ଉଦ୍ୟମ କରେ । ଅହଂକାର ପ୍ରକୃତିତତ୍ତ୍ୱ । ଏଣୁ ପ୍ରାକୃତିକ ବନ୍ଧନରେ ପଡ଼ି ରହିଲେ ତାହାର କ୍ଷୁଧା ନିବୃତ୍ତ ହୁଏ । ଅପରପକ୍ଷେ ଆତ୍ମଶକ୍ତି ପ୍ରାକୃତିକ ବନ୍ଧନରୁ ମୁକ୍ତି ପାଇବାରେ ଆନନ୍ଦ ଅନୁଭବ କରେ । ଏହାକୁ ହିଁ ବ୍ୟକ୍ତିତ୍ୱର ଯଥାର୍ଥ ବିକାଶ ରୂପେ ଉପଲବ୍ଧି କରେ । ଅହଂକାର ଓ ଆତ୍ମା ଉଭୟର ସଂଘର୍ଷ ମଧ୍ୟରେ ଆତ୍ମାର ଜୟଲାଭ ଆର୍ଯ୍ୟ ସଂସ୍କୃତିରେ 'ମୋକ୍ଷ' ନାମରେ ପରିଚିତ ।

# ଯୁଦ୍ଧକାଳରେ ସାହିତ୍ୟର ବାର୍ତ୍ତା



ମନୋରଂଜନ ମହାନ୍ତି

ପୃଥିବୀରେ ଯୁଦ୍ଧର ବିଭୀଷିକା । ରୁଷିଆ-ୟୁକ୍ରେନ୍ ପରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷର ଭୟାନକ ଦୃଶ୍ୟ । ଜେରୁଜେଲମ୍‌ର ସାମ୍ବାଦିକ ଓ ଥିଙ୍କ୍ ଟ୍ୟାଙ୍କ୍ ଇଣ୍ଟର୍‌ନେସନାଲ୍ କ୍ରାଇସିସ୍ ଗ୍ରୁପ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ନାଥାନ୍ ଥ୍ରାଲ୍‌ଙ୍କର ପ୍ରକାଶିତ ପୁସ୍ତକ 'ଏ ଡେ ଇନ୍ ଦି ଲାଇଫ୍ ଅଫ୍ ଆବେଦ୍ ସଲ୍‌ମା': ଆନାଟୋମି ଅଫ୍ ଏ ଜେରୁଜେଲମ୍ ଟ୍ରାଜେଡ଼ିରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷର ଜଟିଳତା ରୂପାୟିତ । ପୁସ୍ତକଟିରେ ଗୋଟିଏ ସ୍କୁଲ୍ ବସ୍ ଦୁର୍ଘଟଣା ପରେ ଜଣେ ବାପା ଉନ୍ମତ୍ତ, ପାଗଳ ହୋଇ ତାର ପୁଅକୁ ଖୋଜୁଛି ।

ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ଅଧିବାସୀମାନେ ଯେଉଁ ବ୍ୟବସ୍ଥାର ଅଧୀନ ହୋଇ ଅଛନ୍ତି, ସେଥିପ୍ରତି ଲେଖକ ନାଥାନ୍ ଥ୍ରାଲ୍ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରି ଏକ ବ୍ୟବସ୍ଥା, ଯେଉଁଥିରେ ୭ ନିୟୁତ ପାଲେଷ୍ଟିନୀୟ ଓ ୭ ନିୟୁତ ଇସ୍ରାଏଲୀ ଜୀଉ ସମସ୍ତେ ଇସ୍ରାଏଲୀ ନିୟନ୍ତ୍ରଣରେ ବାସ କରୁଛନ୍ତି, ଯହିଁରେ ବହୁସଂଖ୍ୟକ ପାଲେଷ୍ଟିନୀୟଙ୍କର ମୌଳିକ ନାଗରିକ ଅଧିକାର ନାହିଁ । ସେହି ସମସ୍ୟାରୁ ସୃଷ୍ଟି ହୋଇଛି ଗାଜାରେ ବିପୁଳ ହିଂସା । ହିଂସାର ଉଦ୍‌ଗୀରଣ ପୂର୍ବରୁ ଯେପରି ଶାନ୍ତି ଥିଲା, ତାର ପୁନଃପ୍ରତିଷ୍ଠା ପାଇଁ ଆହ୍ୱାନ ଦେବା ହେଉଛି ସମସ୍ତଙ୍କର ସ୍ୱାଭାବିକ, ମୂଳ ପ୍ରବୃତ୍ତି । କିନ୍ତୁ ହିଂସା ପୂର୍ବର ଯେଉଁ ବ୍ୟବସ୍ଥା, ତାହାହିଁ ହିଂସା-ଉଦ୍‌ଗୀରଣର ମୂଳ କାରଣ, ସେହି ବ୍ୟବସ୍ଥା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି ଲେଖକ ନାଥାନ୍ ଥ୍ରାଲ୍ । ସେ ଗୋଟେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରନ୍ତି, କଣ ପାଇଁ ନିୟୁତ ନିୟୁତ ଲୋକଙ୍କର ସ୍ୱାଧୀନତାକୁ ଅସ୍ୱୀକାର କରାଯାଉଛି ? ଏହି ଭୀଷଣ ଭୟଙ୍କର ରକ୍ତପାତକୁ ବନ୍ଦ କରିବାକୁ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଆମେ କଣ କରିପାରିବା ? ଆବେଦ୍ ସଲ୍‌ମା ଚରିତ୍ର ଜରିଆରେ ଗାଜାବାସୀଙ୍କ ଜୀବନ କାହାଣୀ, ସେମାନଙ୍କ ପାରିବାରିକ ଇତିହାସ ଉପସ୍ଥାପନ କରି ଲେଖକ ଆମକୁ ଇସ୍ରାଏଲ୍-ପାଲେଷ୍ଟାଇନ୍‌ର ସମଗ୍ର କାହାଣୀକୁ ଆନ୍ତରିକ ରୂପରେ ଅନୁଭବ କରାଇବାର ଇଚ୍ଛା କରିଛନ୍ତି । ଇସ୍ରାଏଲ୍-ପାଲେଷ୍ଟାଇନ୍‌ରେ ଥିବା ବ୍ୟବସ୍ଥାଟି ଖୁବ୍ ନିର୍ଦ୍ଦୟ, କ୍ରୁର, ଯେଉଁ ବ୍ୟବସ୍ଥାଟି ନୀତିଗତ ନିର୍ଣ୍ଣୟଗୁଡ଼ିକର ଫଳ । ପାଲେଷ୍ଟିନୀୟମାନଙ୍କ ସଂଖ୍ୟା ହ୍ରାସ କରିବା ଓ ଜୀଉମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଇସ୍ରାଏଲ୍ ଏକ ନୀତିଗତ ଲକ୍ଷ୍ୟ ଧାର୍ଯ୍ୟ କରିଛି, ଯେଉଁଥିପାଇଁ ଗୋଟେ ୨୬ଫୁଟ୍ ଉଚ୍ଚର କଂକ୍ରିଟ୍ କାନ୍ଥ ନିର୍ମିତ ହୋଇଛି ଓ ଅପର ପାର୍ଶ୍ୱରେ ଥିବା ଲୋକମାନେ ଘୋର ଅବହେଳାରେ ବାସ କରୁଛନ୍ତି ।

ଲେଖକ ସେହି ବ୍ୟକ୍ତିମାନଙ୍କୁ ଦୋଷ ଦେଇନାହାନ୍ତି, ଯେଉଁମାନେ ଏ ବ୍ୟବସ୍ଥା ଭିତରେ ଫସିଯାଇଛନ୍ତି, ଉଭୟ ଜୀଉ ଓ ପାଲେଷ୍ଟିନୀୟମାନେ, ଯେହେତୁ ବ୍ୟବସ୍ଥାଟି ସେପରି ବାଟରେ ସୃଷ୍ଟି ହୋଇଛି । ପୁସ୍ତକରେ ବର୍ଣ୍ଣିତ ସ୍କୁଲ୍ ବସ୍ ଦୁର୍ଘଟଣା (ଏକ କାଳ୍ପନିକ ଘଟଣା)ରେ କିଛି ଅବହେଳିତ ଶିଶୁ ପ୍ରାଣ ହରାଇଛନ୍ତି । ଉଭୟ ଜୀଉ ଓ ପାଲେଷ୍ଟିନୀୟମାନଙ୍କର ଅମାନବୀକରଣର ଅନୁଭୂତି ହୋଇଛି, ସେମାନେ ହିଂସା ଓ ନିର୍ଦ୍ଦୟତା, ନିଷ୍ଠୁରତାର କ୍ଷତ ଭୋଗିଛନ୍ତି । ଲେଖକ କାହାଣୀଟିଏ କହୁଛନ୍ତି ଯେ 'ଦୁର୍ଘଟଣାଗ୍ରସ୍ତ ବସ୍‌ରେ ଥିବା ଶିଶୁବିହାର ବା ବାଲ୍ୟବିହାରର ନିରୀହ ଶିଶୁମାନଙ୍କର ମୃତ୍ୟୁ ପରେ କିଛି ଇସ୍ରାଏଲୀ ଯୁବକ ଅନ୍‌ଲାଇନ୍ ପୋଷ୍ଟ ଜରିଆରେ ଉତ୍ସବ ମନାଉଛନ୍ତି, ଏବଂ ଏତଦ୍ୱାରା ଜଣେ ଉଦାରବାଦୀ ଇସ୍ରାଏଲୀ ଟିଭି ନ୍ୟୁଜ୍ ଆଙ୍କର୍ ଏତେ ଭୟାତୁର ହୋଇଛନ୍ତି ଯେ ସେ ଗୋଟେ ଟିଭି ଫିଚର୍ ସୃଷ୍ଟି କରି ନିଜ ସମାଜର ଲୋକମାନଙ୍କୁ ଆତ୍ମନିରୀକ୍ଷଣ, ଆତ୍ମସମୀକ୍ଷାର ମାର୍ଗଦର୍ଶନ କରାଇଛନ୍ତି ।' ଉଭୟ ପାଲେଷ୍ଟିନୀୟ ଓ ଇସ୍ରାଏଲୀମାନେ ଅମାନବୀକରଣର ଗଭୀର କ୍ଷତ ଭୋଗୁଛନ୍ତି । ଲେଖକ ନାଥାନ୍ ଥ୍ରାଲ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ ୨୦୨୩, ଅକ୍ଟୋବର ୭ତାରିଖର ଆକ୍ରମଣ ନିଶ୍ଚିତ ନିନ୍ଦନୀୟ । କିନ୍ତୁ ଆମକୁ ମଧ୍ୟ ଖାଦ୍ୟ, ପାନୀୟ, ବିଜୁଳିରୁ ବଞ୍ଚିତ ହୋଇ ରହିଥିବା ଗାଜାର ନିୟୁତ ନିୟୁତ ଲୋକ ଭୋଗୁଥିବା ସାମୂହିକ ଦଣ୍ଡ ଏବଂ ଆଜିଯାଏ ରହିଥିବା ଏକ ଘୋର ଅନ୍ୟାୟୀ ବ୍ୟବସ୍ଥାକୁ ନିନ୍ଦା କରିବାକୁ ହେବ ।

ଇସ୍ରାଏଲ୍-ସାଉଦି ଶାନ୍ତି ଆଲୋଚନା ଦ୍ୱାରା ପାଲେଷ୍ଟିନୀୟମାନେ ଅନୁଭବ କରୁଛନ୍ତି ଯେ ସେମାନଙ୍କର ପରିସ୍ଥିତି ଅତ୍ୟନ୍ତ ନିରାଶାଜନକ ଏବଂ ସେମାନେ ପୂର୍ଣ୍ଣତଃ ପରିତ୍ୟକ୍ତ ହୋଇଛନ୍ତି । ଯେଉଁ ଆରବ ରାଷ୍ଟ୍ରଗୁଡ଼ିକୁ ସେମାନେ ସେମାନଙ୍କର ସ୍ୱାଭାବିକ, ନିକଟ ଓ ଦୀର୍ଘଦିନର ମିତ୍ର ବୋଲି ଭାବିଥିଲେ, ସେହି ରାଷ୍ଟ୍ରଗୁଡ଼ିକ ଗୋଟିକ ପରେ ଗୋଟିଏ ସେମାନଙ୍କୁ ପରିତ୍ୟାଗ କରିଛନ୍ତି ଓ ଇସ୍ରାଏଲ୍, ଆମେରିକା ସହିତ ନିକଟ ସମ୍ବନ୍ଧ ସ୍ଥାପନ କରିଛନ୍ତି । ପାଲେଷ୍ଟିନୀୟମାନଙ୍କର ଏହି ନିରାଶା ଅତ୍ୟନ୍ତ ଭୟାନକ । ଲେଖକ ନାଥାନ୍ ଥ୍ରାଲ୍ ତାଙ୍କ ପୁସ୍ତକରେ ଓ ସାକ୍ଷାତ୍‌କାରରେ ଏକ ଘୋର ଅନ୍ୟାୟୀ ବ୍ୟବସ୍ଥାକୁ ନିନ୍ଦା କରିବା ସହିତ ଯୁଦ୍ଧରେ ପ୍ରଭାବିତ, କ୍ଷତିଗ୍ରସ୍ତ, ନିରୀହ ଲୋକଙ୍କ ପ୍ରତି ଅଜସ୍ର ସମବେଦନା ପ୍ରକଟ କରିଛନ୍ତି ।

୨୦୨୩ରେ ନିଜର ୮୯ତମ ଜନ୍ମଦିନ ପାଳନ କରିଥିବା ଲେଖକ ରସ୍କିନ୍ ବଣ୍ଡ ଜନ୍ମଦିନ ଉପଲକ୍ଷେ ପ୍ରକାଶ କରିଛନ୍ତି ବହିଟିଏ 'ଦି ଗୋଲ୍‌ଡେନ୍ ଇଅର୍ସ୍ - ଦି ମେନି ଜଏଜ୍ ଅଫ୍ ଲିଭିଂ ଏ ଗୁଡ୍ ଲଙ୍ଗ୍ ଲାଇଫ୍ '। ଲାଣ୍ଡରସ୍ଥିତ ବାସଭବନରେ ରସ୍କିନ୍ ବଣ୍ଡ୍ ଏବେ ପଢ଼ାଲେଖାରେ ସମୟ ଅତିବାହିତ କରୁଛନ୍ତି । ୨୦୨୩ ବର୍ଷରେ ଏକ ସାକ୍ଷାତ୍‌କାରରେ ସେ ଯାହା କହିଛନ୍ତି, ସେଥିରେ ଅନେକ ବ୍ୟକ୍ତିଗତ ଅନୁଭବ ସହିତ ଯୁଦ୍ଧ ସଂକ୍ରାନ୍ତ ଅନୁଭବ ରହିଛି, ତାର ସାରମର୍ମ ଏହିଭଳି ହେବ - ୮୯ ବର୍ଷ ବୟସରେ ବେଶି ବୃଦ୍ଧ ଅନୁଭବ କରୁନାହିଁ । ମୋର ଲେଖାଲେଖି ବେଳେ ବେଳେ ମୋତେ କ୍ଳାନ୍ତ କରୁଛି, ଯାହା ମୁଁ ଅନୁଭବ କରୁନଥିଲି ଯେତେବେଳେ ଯୁବକ ଥିଲି । ବେଳେବେଳେ ଯନ୍ତ୍ରଣାର ଦଂଶନ ଅଛି ।

ଅବଶ୍ୟ ଯେତେବେଳେ ଦର୍ପଣରେ ଚାହେଁ, ଦେଖେ ମୋର ଦୁଇଟା ଦାନ୍ତ ଗଳିପଡ଼ିଛି, ଚିବୁକରେ ଶିଥିଳତା ଆସିଛି, କିନ୍ତୁ ମାନସିକ ସ୍ତରରେ ମୁଁ ଏବେ ସେମିତି ଅଛି, ଯାହା ଥିଲି ୨୯, ୧୯ ବା ୯ବର୍ଷ ବୟସରେ । ଏବେ ମୋତେ ୮୯, ଯଥୋଚିତ ଭାବରେ ସୁଖୀ ମଣିଷଟିଏ ମୁଁ, ମୋର ବଡ଼ ଦୁଃଖ ନାହିଁ, ମୁଁ କଠିନ ଶ୍ରମ କରେ, ଏବଂ ତାହାହିଁ ଗୁରୁତ୍ୱପୂର୍ଣ୍ଣ । କାମ କରିଚାଲ ଯାହା ତୁମେ ସର୍ଜନଶୀଳ ଭାବରେ କରୁଛ । ଯେଉଁଦିନ କାମକରିବା ବନ୍ଦ କରିଦେବ, ତୁମର ବଞ୍ଚିବା ବନ୍ଦ ହୋଇଯିବ । ଭବିଷ୍ୟତ ସମ୍ବନ୍ଧରେ କହିଲେ, ଜୀବନ ଅନିଶ୍ଚିତତାରେ ଭରା । ଦୂର ଭବିଷ୍ୟତ ସମ୍ବନ୍ଧରେ ଅଧିକ ଚିନ୍ତା ନକରି ଆସନ୍ତାକାଲି ମୁଁ କଣ କରିପାରିବି, ଏଇ ଅଭିବୃତ୍ତି ବା ମନୋଦୃଷ୍ଟି ନେଇ ମୁଁ ବଞ୍ଚେ । ମୁଁ ଜଣେ ଖୁବ୍ ଆଧ୍ୟାତ୍ମିକ ବ୍ୟକ୍ତି ନୁହେଁ, ଜଣେ ଦାର୍ଶନିକ ବ୍ୟକ୍ତି । କିନ୍ତୁ ମୁଁ ଆଧ୍ୟାତ୍ମିକ ଏଇ ଭାବରେ ଯେ ମୁଁ ବହିଃପ୍ରକୃତିର ନିକଟରେ ଅଛି, ବହିଃପ୍ରକୃତିର ପବିତ୍ରତା, ଶୁଚିତା, ଶୁଦ୍ଧିରେ ମୁଁ ବିଶ୍ୱାସ କରେ - ଚଢ଼େଇ, ଗଛ, ଫୁଲ, ଝରଣା - ସମସ୍ତ, ଯାହାର ବୃଦ୍ଧି ଅଛି । ନିତିଦିନ ସକାଳେ ମୁଁ ଗୋଡ଼ ଛନ୍ଦି ଧ୍ୟାନ କରେ ନାହିଁ । ମୁଁ ଗୋଟେ ଫୁଲକୁ ଚାହେଁ ଓ ମନନ, ଚିନ୍ତନ, ବିଚାର କରେ ।

ପ୍ରାକୃତିକ ଜଗତ ଆମକୁ ତିଆରି କରିଛି । ତୁମେ କହିପାର ମୁଁ ଧ୍ୟାନ ନକରି ମନନ, ଚିନ୍ତନ କରେ । ବହି ମୋତେ ସୁଖୀ କରେ । ପକ୍ଷୀର ମଧୁର ଧ୍ୱନି ମୋତେ ସୁଖୀ କରେ । ମାନବୀୟ ସମ୍ପର୍କ ମୋତେ ସୁଖୀ କରେ । ମୋର ଅଧିକ ସାଙ୍ଗସାଥୀ ନାହାନ୍ତି, କିନ୍ତୁ ଯେଉଁ କେତେକ ଅଛନ୍ତି, ମୋତେ ସୁଖୀ କରନ୍ତି, ମୋର ପରିବାର ମୋତେ ସୁଖୀ କରେ । ମାନବୀୟ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ । ଜଣେ ପ୍ରତିଦିନ କିଛି କିଛି ଲେଖାଲେଖି କରିବା କଥା, କିନ୍ତୁ ପଢ଼ାପଢ଼ି ମୋତେ ସୁଖୀ କରେ । ବେଳେବେଳେ ମୁଁ ବହିପଢ଼ା ବନ୍ଦ କରି ଲେଖା ଆରମ୍ଭ କରେ ନାହିଁ । ପ୍ରଥମେ ମୁଁ ପାଠକ, ଦ୍ୱିତୀୟରେ ଲେଖକ । ଲୋକମାନେ ମୋତେ ସୁଖୀ କରାନ୍ତି, ମୁଁ ବେଳେବେଳେ ଲୋକମାନଙ୍କୁ ସୁଖୀ କରିବାକୁ ଚେଷ୍ଟା କରେ । ପୃଥିବୀକୁ ସେପରି ଚାହଁ ଯେପରି ତାହା ଏବେ ସୃଷ୍ଟି ହୋଇଛି, ଆତ୍ମା, ପ୍ରାଣ, ଭାବର ନୂତନତ୍ୱ ନେଇ ଏହାକୁ ଦେଖ । ପ୍ରତିଦିନ ଗୋଟେ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଅନେକ କିଛି ଆବିଷ୍କାର କରିବାର ଅଛି । ମୁଁ ଜଣେ ଗ୍ରନ୍ଥକୀଟ, ପ୍ରତି ସପ୍ତାହରେ ୩/୪ଟି ବହି ପଢ଼େ । ଡିଟେକ୍ଟିଭ୍ ଉପନ୍ୟାସ, ସୁ-ଲିଖିତ ଆତ୍ମଚରିତ, ଇତିହାସ ବହି ପଢ଼ିବାକୁ ଭଲପାଏ । ଜଣେ ବହୁତ ନପଢ଼ି କିପରି ଭଲ ଲେଖକ ହୋଇପାରିବ, ମୁଁ ଭାବିପାରୁନାହିଁ । ମୁଁ ଟେକ୍‌ନୋଲୋଜି-ନିରକ୍ଷର ବା ଅନ୍‌ପଢ୍ । ମୋର ମୋବାଇଲ୍ ବା ଲ୍ୟାପ୍‌ଟପ୍ ନାହିଁ । ଲେଖାଲେଖି କରିବାକୁ ମୁଁ ସେହି ଆଶ୍ଚର୍ଯ୍ୟଜନକ ଉଦ୍‌ଭାବନ, ବଲ୍‌ପଏଣ୍ଟ କଲମ ବ୍ୟବହାର କରେ । ମୁଁ ଟେକ୍ନୋଲୋଜି ବିରୋଧୀ ନୁହଁ, କିନ୍ତୁ ମୁଁ ତାର କ୍ରୀତଦାସ ନୁହଁ । ମୁଁ ଜାଣେ ଲେଖକମାନଙ୍କର ବଡ଼ ଅହଂକାର ଥାଏ, ତେଣୁ ମୋର ଅହଂକୁ ନିୟନ୍ତ୍ରଣ କରିବାକୁ ମୁଁ ଚେଷ୍ଟା କରେ । ବିନା କାରଣରେ ଯୁଦ୍ଧ କରିବାକୁ ମଣିଷର ଇଚ୍ଛା ମୋତେ ସବୁଠୁ ବେଶି ଉଦାସ କରେ । କ୍ଷୁଦ୍ର, ମାମୁଲି, ନଗଣ୍ୟ କାରଣ ପାଇଁ ମଣିଷମାନେ ପରସ୍ପରକୁ ହତ୍ୟା କରିବାକୁ ଇଚ୍ଛା କରୁଥିବାର ଦୃଶ୍ୟ ମୋତେ ଉଦାସ କରେ । କେତେକ ମାନବୀୟ ବିଶେଷତା ବା ଲକ୍ଷଣ ଯଥା ବୈରଭାବ, କୁଚକ୍ର, ଚୁଗୁଲି, ନିନ୍ଦା- ଏଗୁଡ଼ିକ ମାନବୀୟ ଲକ୍ଷଣ, ପାଶବୀୟ ନୁହେଁ - ମୋତେ ଉଦାସ କରେ । ପୃଥିବୀରେ ସବୁଠାରୁ ଭୟାନକ ଅସ୍ତ୍ର ହେଉଛି ଜିହ୍ୱା । ଜିହ୍ୱା ଶତ୍ରୁ ସୃଷ୍ଟି କରିପାରେ, ସଂଘର୍ଷ ଆଡ଼କୁ ବାଟ କଢ଼ାଇ ନେଇପାରେ, ଯୁଦ୍ଧ ଘଟାଇପାରେ । ଜିହ୍ୱା ପ୍ରତି ସତର୍କ ହୁଅ । ଆମେ ମନେରଖିବା ଆବଶ୍ୟକ ଯେ ସବୁ ଯୁଦ୍ଧ ଶେଷ ହେଲା ପରେ ଗୋଟେ ପ୍ରଜାପତି ତଥାପି ସୁନ୍ଦର ଦେଖାଯିବ ।

କି ଉପାଦେୟ କଥା ସତରେ ରସ୍କିନ୍ ବଣ୍ଡଙ୍କର ! ଯୁଦ୍ଧର ପୃଷ୍ଠଭୂମିରେ ଲେଖାହେଇଛି ଉଇଲିୟମ୍ ଗୋଲ୍‌ଡିଂଙ୍କ 'ଲର୍ଡ ଅଫ୍ ଦି ଫ୍ଲାଇଜ୍', ଗାବ୍ରିଏଲ୍ ଗାର୍ସିଆ ମାରକ୍ୱେଜ୍‌ଙ୍କ 'ୱାନ୍ ହଣ୍ଡ୍ରେଡ୍ ଇଅର୍ସ୍ ଅଫ୍ ସଲିଟ୍ୟୁଡ୍', ଗୁଣ୍ଟର୍ ଗ୍ରାସ୍‌ଙ୍କ 'ର୍‍ୟାଟ୍ସ ଓ ଦି ଟିନ୍ ଡ୍ରମ୍' ଉପନ୍ୟାସଗୁଡ଼ିକ । ଏମିତି ଅସଂଖ୍ୟ ପୁସ୍ତକର ରଚନା ହୋଇଛି ଯୁଦ୍ଧ ଆଧାରରେ । ଯେମିତି ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ ରୂପାୟିତ ହୋଇଛି । ନାଥାନ୍ ଥ୍ରାଲ୍‌ଙ୍କର ପ୍ରକାଶିତ ଉପନ୍ୟାସ 'ଏ ଡେ ଇନ୍ ଦି ଲାଇଫ୍ ଅଫ୍ ଆବେଦ୍ ସଲ୍‌ମା : ଆନାଟୋମି ଅଫ୍ ଏ ଜେରୁଜେଲମ୍ ଟ୍ରାଜେଡ଼ି'ରେ ।

ଯୁଦ୍ଧକାଳୀନ ବିଭୀଷିକାର ଦୃଶ୍ୟ ବର୍ଣ୍ଣିତ ହୋଇଛି ପୃଥିବୀର ସବୁ ଭାଷାର ସାହିତ୍ୟର ପୃଷ୍ଠାରେ, ଯାହାଦ୍ୱାରା ମାନବ-ଜାତି ସଚେତନ ହେଉ । ଯୁଗେ ଯୁଗେ ସାହିତ୍ୟ ପ୍ରଦତ୍ତ ଶାନ୍ତି, ମୈତ୍ରୀ ଓ ପ୍ରଗତିର ବାର୍ତ୍ତାକୁ ପ୍ରତିଟି ମାନବ ଗ୍ରହଣ କରୁ, ଯୁଦ୍ଧର ଅନ୍ତ ହେଉ ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

# ରାଷ୍ଟ୍ର ନିର୍ମାଣ ଓ ପରୋପକାରର ପ୍ରତୀକ 'ରତନ ଟାଟା



ବାଦଲ ଭୂୟାଁ



ସଚ୍ଚୋଟତା, ନୈତିକ ନେତୃତ୍ୱ, ପରୋପକାର ଓ ବିନୟ ସ୍ୱଭାବର ପ୍ରତୀକ ଥିଲେ ରତନ ଟାଟା । ତାଙ୍କ ଜୀବନଯାତ୍ରାର ଉଜ୍ଜ୍ୱଳତା ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଉଥିବାବେଳେ ତାଙ୍କ ଦେହାନ୍ତ ସହିତ ଏକ ଯୁଗର ଅବସାନ ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଟାଟା ଗ୍ରୁପ୍‌କୁ ବିଶ୍ୱରେ ପରିଚିତ କରିବାରେ ସେ ଥିଲେ ବିନ୍ଧାଣୀ । ବ୍ୟବସାୟରେ ବିଚକ୍ଷଣ ଗୋଟି ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସାରା ଜୀବନ ଅବିବାହିତ ରହିଥିବା ରତନ ଟାଟା ସର୍ବଦା ଲୋକମାନଙ୍କ ମଙ୍ଗଳ ଚିନ୍ତା କରୁଥିଲେ । ତାଙ୍କ ଭଳି ଜଣେ ଶିଳ୍ପପତିଙ୍କୁ ହରାଇବା ଭାରତ ଲାଗି ଅପୂରଣୀୟ କ୍ଷତି । ରତନ ଟାଟାଙ୍କ ଜୀବନରୁ ମିଳୁଥିବା ସବୁଠୁ ବଡ଼ ପ୍ରେରଣା ହେଉଛି ବଡ଼ ସ୍ୱପ୍ନ ଦେଖିବାକୁ ଭୟ କରନାହିଁ । ସ୍ୱପ୍ନ ଦେଖ ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କର । ପ୍ରଥମେ ଲୋକମାନେ ଉପହାସ କରିପାରନ୍ତି, କିନ୍ତୁ ସଫଳତା ମିଳିବା ପରେ ସମସ୍ତେ ତାହାକୁ ସ୍ୱୀକାର କରିବା ସହିତ ଗର୍ବିତ ହେବେ ।

ଟାଟା ଗ୍ରୁପ୍‌କୁ କେବଳ ଭାରତ ଭିତରେ ସୀମିତ ରଖିବାକୁ ରତନ ଟାଟା ଚାହୁଁ ନଥିଲେ । ତାହାକୁ ଏକ ବିଶ୍ୱ ପ୍ରସିଦ୍ଧ କମ୍ପାନୀରେ ପରିଣତ କରିବାକୁ ଚାହୁଁଥିଲେ । ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଅଧିଗ୍ରହଣ କରି ସେ ସାରା ଦୁନିଆରେ ଟାଟାର ପଦଚିହ୍ନ ସୃଷ୍ଟି କରିପାରିଥିଲେ । ତାଙ୍କ ବୈପ୍ଳବିକ ଓ ଅଭିନବ ପଦକ୍ଷେପ ଲାଗି ଟାଟାକମ୍ପାନୀ ଦୁନିଆର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା । ଏବେ ଟାଟା ଗ୍ରୁପର ଦୁଇ ତୃତୀୟାଂଶ ରାଜସ୍ୱ ବିଦେଶ ବଜାରରୁ ଆସୁଛି ।

ଟାଟା ଗ୍ରୁପ ପ୍ରତିଷ୍ଠାତା ଜାମସେଦଜି ଟାଟା ଏବଂ ପୂର୍ବଜ ଜେଆରଡି ଟାଟାଙ୍କର ଦେଶର ଶିଳ୍ପ କ୍ଷେତ୍ରରେ ରହିଥିବା ସ୍ୱତନ୍ତ୍ର ଛାପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରତନ ଟାଟା । ଟାଟା ସନ୍ସରେ ତାଙ୍କର ତିନି ଦଶନ୍ଧିର ନେତୃତ୍ୱରେ ସେ ନିଜକୁ ପୁନଃ ଆବିଷ୍କାର କରିବା ସହ ଅତ୍ୟନ୍ତ ଭଦ୍ର, ଉଦାରଶୀଳ ଏବଂ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ି ତୋଳିଥିଲେ । ଟାଟା ସନ୍ସର ଅଧ୍ୟକ୍ଷ ହେବା ପରେ ରତନ ଟାଟା ଟାଟାଗ୍ରୁପ ପାଇଁ ଏକ ଅଭିନବ ଯୋଜନା ଗ୍ରହଣ କରିଥିଲେ । ଦେଶରେ ଲାଇସେନ୍ସ ରାଜ ଚାଲୁଥିବାବେଳେ ଟାଟା ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ଅନେକଙ୍କ ଲାଗି ସ୍ୱପ୍ନ ଭଳି ଥିଲା । ଗୀତା ପିରାମଲ ତାଙ୍କ ପୁସ୍ତକ 'ବିଜନେସ ମହାରାଜା'ରେ ଲେଖିଛନ୍ତି, ଉଦାରୀକରଣ ଆରମ୍ଭ ହେଉଥିବା ବେଳେ ଟାଟା ଗ୍ରୁପର କାୟାକଳ୍ପ ବଦଳାଇ ଦେବାକୁ ଅଣ୍ଟା ଭିଡ଼ିଥିଲେ ରତନ ଟାଟା । ନୂଆ ଟେକ୍ନୋଲୋଜି ଗ୍ରହଣ ସହ ଟାଟା ଗ୍ରୁପରେ ବଡ଼ ବ୍ରାଣ୍ଡଗୁଡ଼ିକର ମିଶ୍ରଣକୁ ସେ ଦେଇଥିଲେ ଅଗ୍ରାଧିକାର ।

ଭାରତକୁ ବିଶ୍ୱ ଅର୍ଥନୀତିର ଏକ ପ୍ରମୁଖ ଅଂଶୀଦାର ଭାବେ ଦେଖିବାକୁ ତାଙ୍କର ସ୍ୱପ୍ନ ଥିଲା । ୨୦୦୦ରେ ବ୍ରିଟେନର ଚା' ପ୍ରସ୍ତୁତକାରୀ ଫାର୍ମ ଟିଟଲି ଏବଂ ଷ୍ଟିଲ କମ୍ପାନୀ କୋରସକୁ ଟାଟା ଗ୍ରୁପ ୧୨ ବିଲିୟନ ଡଲାରରେ ଅଧିଗ୍ରହଣ କଲା । କୌଣସି ଭାରତୀୟ କମ୍ପାନୀ ପକ୍ଷରୁ ଏହା ସେ ସମୟର ବଡ଼ ଅଧିଗ୍ରହଣ ଥିଲା । ଏହା ପରେ ପରେ ୨୦୦୮ରେ ଟାଟା ଗ୍ରୁପ ଅନ୍ୟ ଏକ ପ୍ରମୁଖ ଡିଲ ଦ୍ୱାରା ଜାଗୁଆର ଏବଂ ଲ୍ୟାଣ୍ଡ ରୋଭରକୁ ମଧ୍ୟ ଅଧିଗ୍ରହଣ କରିନେଲା । ଇଣ୍ଡିକା ଭଳି ପ୍ରଥମ କାର କମ୍ପାନୀ ସ୍ଥାପନା, ନାନୋ ଭଳି ସୁଲଭ କାର ପରିକଳ୍ପନା କେବଳ ଟାଟା ହିଁ କରିପାରିଥିଲେ । ଇଣ୍ଡିକାକୁ ବାଣିଜ୍ୟିକ ସଫଳତା ମିଳିଥିବା ବେଳେ ନାନୋ ଏତେଟା ସଫଳତା ପାଇ ପାରିନଥିଲା । ୨୦୦୪ରେ ଟିସିଏସକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ କରାଇଥିଲେ ଟାଟା। ଏହି ସମୟରେ ୧.୧୭ ବିଲିୟନ ଡଲାର ପୁଞ୍ଜି ବଜାରରୁ ଉଠାଣ ହୋଇଥିଲା । ଏହା ସେ ସମୟର ଭାରତର ସର୍ବବୃହତ ଏବଂ ଏସିଆର ଦ୍ୱିତୀୟ ବଡ଼ ଆଇପିଓ ଥିଲା । ୨୦୨୧ରେ ଟାଟା ଗ୍ରୁପ ଏୟାର ଇଣ୍ଡିଆକୁ ଅଧିଗ୍ରହଣ କଲା। ସିଙ୍ଗାପୁର ଏୟାରଲାଇନ୍ସ ସହ ମିଳିତ ହୋଇ ସେ ଆରମ୍ଭ କରିଥିବା ଭିସ୍ତାରା ଏବେ ଏୟାର ଇଣ୍ଡିଆ ସହ ମିଶ୍ରଣ ହୋଇଛି ।

ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ମଧ୍ୟ ସେ ଲୋକମାନଙ୍କ ସହ ଠିଆ ହୋଇଥିଲେ । ରିଲଫ ପ୍ରଦାନ ଠାରୁ ଆରମ୍ଭ କରି ପୀଡ଼ିତମାନଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ସବୁ କିଛିର ସେ ପ୍ରତ୍ୟକ୍ଷ ଭାବେ ଦେଖାଶୁଣା କରିଥିଲେ । ପଶୁପକ୍ଷୀଙ୍କୁ ସେ ବହୁତ ଭଲ ପାଉଥିଲେ । ଅଧିକାଂଶ ସମୟରେ ନିଜ ପୋଷାକ କୁକୁର ସହ ତାଙ୍କର ଫଟୋ ଦେଖିବାକୁ ମିଳୁଥିଲା । ନିଜ ବାସଭବନ ପାଖରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ଖୁଆଉଥିବାର ମଧ୍ୟ ତାଙ୍କୁ ଦେଖିବାକୁ ମିଳୁଥିଲା । ମୁମ୍ବାଇରେ ଥିବା ତାଜ ମହଲ ପ୍ୟାଲେସ ହୋଟେଲର ଦ୍ୱାରକୁ ବୁଲା ପଶୁଙ୍କ ଲାଗି ଖୋଲା ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ବର୍ଷା ଓ ଖରାପ ପାଣିପାଗ ପରିସ୍ଥିତିରେ ସେମାନଙ୍କୁ ଆଶ୍ରୟ ଦେବାକୁ କହୁଥିଲେ । ସେ ପଶୁଙ୍କ ପ୍ରତି ଦୟାଳୁ ଭାବ ଦେଖାଇବା ପରେ ଦେଶର ଅନେକ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ତାଙ୍କୁ ଅନୁସରଣ କରି ପଶୁଙ୍କ ଯତ୍ନ ନେଇଥିଲେ । ପଶୁଙ୍କୁ ଉଦ୍ଧାର କରି ତାଙ୍କ ଚିକିତ୍ସା କରୁଥିବା ବହୁ ସଂସ୍ଥାକୁ ସେ ସହଯୋଗ କରୁଥିଲେ ।

ଓଡ଼ିଶା ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା । ଓଡ଼ିଶାରେ କଳିଙ୍ଗନଗର ପ୍ରୋଜେକ୍ଟ ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ଭବ ହୋଇପାରୁଥିଲା । ବିଶେଷକରି ଓଡ଼ିଶା ଲିଭେବଲ ହାବିଟାଟ୍ ମିଶନ ମାଧ୍ୟମରେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ରତନ ଟାଟା କେବଳ ଜଣେ ସାଧାରଣ ମଣିଷ ନଥିଲେ । ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି ।

୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି
ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଶ୍ରୀଜିଉଙ୍କ ରାଧା ଦାମୋଦର ବେଶ

ଶ୍ରୀଜିଉଙ୍କର ରାଧା ଦାମୋଦର ବେଶ ପ୍ରତ୍ୟେକ ବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର ହୋଇଥିବାରୁ ବେଶର ଏପରି ନାମକରଣ କରାଯାଇଛି । କାର୍ତ୍ତିକ ମାସରେ ରାତ୍ର ଦୁଇଘଡ଼ି ଥାଇ ଆଳତି ଅବକାଶ ସରି ତାପରେ ରାଧା ଦାମୋଦର ବେଶ ହୋଇ ଠାକୁର ବାଳଧୂପ ପର୍ଯ୍ୟନ୍ତ ରହନ୍ତି । ଏହି ଦାମୋଦର ପୂଜାର ମୂଳରେ ହେଉଛନ୍ତି ଗୋପୀମାନେ । ପ୍ରଚଳିତ କଥାବସ୍ତୁ ଅନୁଯାୟୀ ଗୋପୀମାନେ କାର୍ତ୍ତିକ ବ୍ରତ ଆଚରଣ କରି ଯମୁନା କୂଳରେ ରାଧା ଦାମୋଦର ପୂଜା କରୁଥିଲେ । ନିଶି ପ୍ରହରେ ଥାଇ ଉଜାଗର ହୋଇ ଗୋପୀମାନେ ନାନା ସୁଗନ୍ଧି ପୁଷ୍ପମାନ ଯଥା ମଲ୍ଲୀ, ମାଳତୀ, ଜୁଇ, ଯାଇ, ଚମ୍ପା, କୁନ୍ଦ, କୁମୁଦ, କନିଅର, ଚମ୍ପା, ପଦ୍ମ, କେତକୀ କଢ଼ି, କରୁବେଲି, ଗଙ୍ଗଶିଉଳି, ଅଶୋକ, ପାଟଳି, ତୁଳସୀ, ଅଁଳା ପତ୍ର, ଦାମୋଦର ପୂଜାର ବିଧିରେ ବ୍ୟବହୃତ ସମସ୍ତ ପୁଷ୍ପ ତୋଳି, ବାଳଭୋଗ ପାଇଁ ଆଖୁ, କନ୍ଦମୂଳ, ଛେନା, ଶାକର, କଦଳୀ, କାକୁଡ଼ି, ନଡ଼ିଆ, ଦହି, ଡାଳିମ୍ବ, ତାଳସଜ, ଶାକର ଖଣ୍ଡ, ସରୁ ଚୁଡ଼ା, ଛେନା ଖଣ୍ଡରେ ମିଶାଇ ରଖି ଅଁଳା କୋଳି, ନାଗେଶ୍ୱର କୋଳି ସହ ନାନା ଦ୍ରବ୍ୟ ସହିତ ଯମୁନା କୂଳକୁ ଯାଇ ସୂର୍ଯ୍ୟ ଦେବଙ୍କୁ ନମସ୍କାର କରି ରାଧା ଦାମୋଦରଙ୍କ ନାମ ସୁମରି ସ୍ନାନ ସାରି, ଝୀନବସ୍ତ୍ର ପରିଧାନ କରି ଆକାଶରେ ସୂର୍ଯ୍ୟ ଉଦୟ ହେଲେ ଏକମେଳ ହୋଇ ବାଲି ବାଲୁକା ଆଣି ତହିଁରେ ରାଧା ଦାମୋଦର ମୂର୍ତ୍ତି ନିର୍ମାଣ କରି ନାନା ଗନ୍ଧ ପୁଷ୍ପ ଦେଇ ଦୀପ ଜଳାଇ ବାଳଭୋଗ ବାଢ଼ି, ହୁଳହୁଳି କରତାଳି ଦେଇ ସେହି ମୂର୍ତ୍ତିର ଚତୁଃପାର୍ଶ୍ୱରେ ବୁଲି କହନ୍ତି, 'ଦୟାକର ହେ ରାଧା ଦାମୋଦର ଦୁଃଖ ଦାରିଦ୍ର୍ୟ ଆମ୍ଭ ଦୂର କର' ।

ଏହାପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବାଳଭୋଗ ଲଗାଇ ବିଧି ମତେ କାର୍ତ୍ତିକ ବ୍ରତ ପାଳନ କରନ୍ତି । ଏହି ବ୍ରତରେ ଶିବପାର୍ବତୀ ପ୍ରସନ୍ନ ହେବା ହେତୁ ଦାମୋଦର ପ୍ରସନ୍ନ ହୁଅନ୍ତି । ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧର ମାଳା ଲାଗେ । ଫୁଲ ଠାରୁ ଅଧିକ ସୁବର୍ଣ୍ଣ ଅଳଙ୍କାର ଲାଗେ । ହସ୍ତରେ ନଳୀଭୁଜ ପିନ୍ଧାଇ ଦିଆଯାଏ । ମହାପ୍ରଭୁଙ୍କର ଚୁଳରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୁଳ ତ୍ରିମୁଣ୍ଡି ଉପରେ ରହିଥାଏ । ଚୁଳର ଅଗ୍ରଭାଗରେ ଚନ୍ଦ୍ରିକା ଶୋଭାପାଏ । କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ, ମସ୍ତକରେ ଡ଼ଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁନା ଅଳଙ୍କାର ସହ ପାଟଶାଢ଼ି, ଫୁଟା, ଶିରୀ କପଡ଼ା, ପହରଣ, ବଳା, ଅଧର ବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ।

ଯଶସ୍ୱିନୀ ପଟ୍ଟନାୟକ, ଅଧ୍ୟକ୍ଷା, ନାଳନ୍ଦା
ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରମ୍ପରା...

ଦ୍ୱାରା ସଫଳ ହୋଇପାରିବ । ଏଥିଲାଗି ସବୁ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ରହିଛି । ଏଥିଲାଗି ସାଧାରଣରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ, ପ୍ରଶିକ୍ଷଣ ଓ ଦକ୍ଷତାକୁ ବୃଦ୍ଧି କରିବା ଲାଗି ଆବଶ୍ୟକ ।

ଦଣ୍ଡ ଓ ଦୋଷୀ ସାବ୍ୟସ୍ତ ହେବା ପରିବର୍ତ୍ତେ ନିଷେଧ ତଥା ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ଆମେ ଆଇନ୍ ଏବଂ ସମାଜ ବିଜ୍ଞାନର ସମ୍ପୂର୍ଣ୍ଣ ପରିସରକୁ ଦେଖୁଛୁ । ବାଲ୍ୟ ବିବାହ ନିଷେଧ ଆଇନ୍‌ର ସଠିକ୍ କାର୍ଯ୍ୟକାରିତା ପାଇଁ ଆମେ ବିଭିନ୍ନ ନିର୍ଦ୍ଦେଶ ଦେଉଛୁ ।

## ବିଚାରାଧୀନ...

ହେଲେ ପରିବାର ଲୋକଙ୍କ କହିବାନୁଯାୟୀ ମାଡ ମାରିବା କଥାକୁ ଲୁଚାଇବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ସେମାନେ ପ୍ରଭାବିତ କରିପାରନ୍ତି ।

ଅନ୍ୟ କଏଦୀମାନେ ଆକ୍ରମଣ କରିବା ପ୍ରଶ୍ନ ଉଠିବାର କାରଣ ପୂର୍ବରୁ ସୌମ୍ୟରଞ୍ଜନ ବୋଲି ଜଣେ ବିଚାରାଧୀନ ବନ୍ଦୀଙ୍କୁ ମୃତ ହାଇଦର ପୁଅ ମୁନା ଓ ତା'ର ସହଯୋଗୀମାନେ ଜେଲ୍ ଅଫିସରଙ୍କ ଉପସ୍ଥିତିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଥିଲେ । ଜେଲ୍ ଭିତରେ ବନ୍ଦୀମାନଙ୍କ ମଧ୍ୟରେ ମାରପିଟ୍ ଲାଗିବାର କାରଣ ଢିଲା ଜେଲ ପ୍ରଶାସନ । ସେହି ଘଟଣାର ତଦନ୍ତ ହୋଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ କେଉଁଆଡେ ଏକପ୍ରକାର ମିଳେଇଗଲା । ଘଟଣା ପରେ ସୌମ୍ୟରଞ୍ଜନଙ୍କୁ ସେଲ୍ ମଧ୍ୟରେ ରଖାଯାଇଥିବା ବେଳେ ଆକ୍ରମଣକାରୀମାନେ ୱାର୍ଡରେ ରହୁଥିବା ଅଭିଯୋଗ ହେଉଛି । ସେହି ଘଟଣାକୁ ଲକ୍ଷ୍ୟରେ ରଖି ବିଦ୍ୟାଧର କାହା ମାଡରେ ଆହତ ହେବା ମୃତ୍ୟୁ ହୋଇଛି, ଉଚ୍ଚସ୍ତରୀୟ ତଦନ୍ତ ନହେଲେ ସ୍ପଷ୍ଟ ହେବନାହିଁ । ବିଦ୍ୟାଧରଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ଜିମା ଦିଆଯାଇଛି ।

## ଓଡ଼ିଶା...

ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ରହିଛି । ବିଶେଷକରି ଇସ୍ପାତ ଆଲୁମିନା ପେଟ୍ରୋ କେମିକାଲ କ୍ଷେତ୍ରରେ ଚାହିଦା ବଢ଼ିଛି । ଓଡ଼ିଶା ଏବେ ସକ୍ରିୟତାର ସହ ବୈଷୟିକ ବୟନ ଓ ରିସାଇକ୍ଲିଂ ଅଫ୍ ବାୟୋ ପ୍ରଡକ୍ଟ କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି । ପ୍ଲାଷ୍ଟିକ ଏବଂ ପ୍ୟାକେଜିଂ କ୍ଷେତ୍ର ବିଶେଷକରି କେମିକାଲରେ ଏବେ ଘରୋଇ ଓ ଆନ୍ତର୍ଜାତିକ ବଜାରରେ ଚାହିଦା ବଢ଼ିଛି । ଫାର୍ମା କେମିକାଲ୍ସ କ୍ଷେତ୍ରରେ ଆମେ ଗୁରୁତ୍ୱ ଦେଉଥିଲାବେଳେ ବ୍ୟାଟେରୀ ଓ ଇଲେକ୍‌ଟ୍ରିକ ଗାଡ଼ି ବଜାରରେ ସମ୍ପ୍ରସାରଣକୁ ଗୁରୁତ୍ୱ ଦିଆଯାଉଛି । ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ସମ୍ବଳ ଓ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ଶିଳ୍ପ ବାତାବରଣକୁ ମଜଭୁତ କରିଛି । କେମିକାଲ ଓ ଆନୁସଂଗିକ କ୍ଷେତ୍ରରେ ସମଗ୍ର ଦେଶର ଅଗ୍ରଣୀ କମ୍ପାନୀମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରିଛନ୍ତି । ଗ୍ରାସିମ୍, ବ୍ରେଗରପେଣ୍ଟସ୍, ସାଲିମାର ପେଣ୍ଟସ ଏବଂ ପ୍ଲାଷ୍ଟିକ୍ କ୍ଷେତ୍ରରେ ଅଗ୍ରଣି କମ୍ପାନୀ ସୁପ୍ରିମ୍, ଆଶୀର୍ବାଦ, ଆଷ୍ଟ୍ରାଲ ସିନେଟେକ୍ସ, ଶ୍ରୀଚକ୍ର ପଲ୍ଲୀପାଷ୍ଟ ଓଡ଼ିଶାରେ ତାଙ୍କ ବ୍ୟବସାୟକୁ ସମ୍ପ୍ରସାରିତ କରିଛନ୍ତି । ସେହିପରି ବୈଷୟିକ ବୟନ ଶିଳ୍ପ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଯଥା ଇପିଆଇସି, ଏମ୍‌ଏସ୍ ଗ୍ରୁପ ଏବଂ ପ୍ରମୁଖ ନିର୍ମାଣକାରୀ ସଂସ୍ଥା ସିଡିଇଟି, ଇପ୍‌ସିଲନ, ସିଲକ୍ସ, ସାନ୍‌ଭ୍ରିୟା, ସିଲକ୍ସ, ଇପିଗ୍ରାଲ, ହିମାଦ୍ରୀ ଆଦି ସଂସ୍ଥାଗୁଡ଼ିକ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି । କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ରହିଛି । ପୂର୍ବ ଉପକୂଳ ଭାରତରେ ଏବେ କୁଶଳୀ ଶ୍ରମିକ ଶିଳ୍ପାୟନ ଭିତ୍ତିଭୂମି ସୁଦୃଢ଼ ରହିଛି । ବିଶ୍ୱରେ ଏବେ କେମିକାଲର ଚାହିଦା ବଢ଼ିଛି । ଓଡ଼ିଶା ଏବେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ ପାଇଁ ପ୍ରସ୍ତୁତ ରହିଛି । ମୁଁ ସୂଚନା ଦେବାକୁ ଚାହେଁ ଯେ ଓଡ଼ିଶା ସରକାରଙ୍କ ପକ୍ଷରୁ ଉତ୍କର୍ଷ ଓଡ଼ିଶା: ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍, ୨୦୨୫ ଜାନୁଆରୀ ୨୮ ଓ ୨୯ରେଭୁବନେଶ୍ୱରରେ ଆରମ୍ଭ ହେବ । ଏଥିରେ ପୁଞ୍ଜି ନିବେଶର ସୁଯୋଗ ସୃଷ୍ଟି ହେବ । ଆମ ସହିତ ଓଡ଼ିଶାର ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ଅନୁରୋଧ କରୁଛି ।

## ନାବାଳକର...

ଦେଖିବାକୁ ପାଇଥିଲେ । ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପୋଲିସକୁ ଖବର ଦେଲା ପରେ ଘଟଣା ସ୍ଥଳକୁ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ଶବକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପଥର ଚଟାଣ ଉପରେ ଥିବା କିଛି ମାଟି ସ୍ଥାନକୁ ହତ୍ୟାକାରୀ ଖୋଳି ଶବକୁ ପୋତିବା ପାଇଁ ଏକ ଖାଲ ଖୋଳିଥିବା ବେଳେ କୌଣସି କାରଣରୁ ଶବକୁ ପୋତି ପାରିନଥିବା ଦେଖିବାକୁ ମିଳିଛି । ପୁଅ ସୋମନାଥର ମୃତ୍ୟୁ ପରେ ଗୁରୁବାର ପୂର୍ଣ୍ଣିମା ଓ ସଂକ୍ରାନ୍ତି ଥିବାରୁ ବିଭିନ୍ନ ସ୍ଥାନରେ ବଳି ପଡୁଥିବାରୁ ପୁଅକୁ ମଧ୍ୟ କେହି ଜଣେ ବଳି ଦେବାପାଇଁ ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳକୁ ଏସଡିପିଓ ସଦାନନ୍ଦ ପୁଝାରୀ, ମାଜିଷ୍ଟ୍ରେଟ ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଏସଆଇ ରାକେଶ ବେହେରା, ଏସ ଆଇ ଦେବାର୍ଚ୍ଚନ ମିର୍ଦ୍ଧା ଓ ସାଇନଣ୍ଟିଫିକ ଦଳ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ। ବିଗତ ୨୦୧୧ ମସିହାରେ ଉକ୍ତ ପଥର ଚଟାଣରେ ଜଳପାଙ୍କେଲ ଗ୍ରାମର ମଧୁ ରଣା ନାମକ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ପୂର୍ବରୁ ଲାଠୋର ଥାନାରେ ଅଭିଯୋଗ ରହିଛି । ମଧୁ ରଣାଙ୍କ ଗଳିତ ମୃତ ଦେହ ପୋଲିସ ଜବତ୍ କରିଥିବା ବେଳେ ଘଟଣାର ପର୍ଦ୍ଦାଫାଶ ତତ୍କାଳୀନ ପୋଲିସ କରିନପାରିବାରୁ ପୁଣି ଏକ ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମୃତକଙ୍କ ହତ୍ୟାକାରୀଙ୍କୁ ଗିରଫ କରିବା ସହିତ ପରିବାରକୁ ନ୍ୟାୟ ମିଳିବା ଦାବି ନେଇ ଗ୍ରାମବାସି ରାସ୍ତା ଅବରୋଧ କରିଥିଲେ । ଏହି ଘଟଣା ରେ ଡୋଳାମଣି ରଣା ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି । ଏନେଇ ଏସ ଡି ପି ଓ ଶ୍ରୀ ପୁଝାରୀଙ୍କୁ ପଚାରିବାରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ପ୍ରକାଶ କରିଥିଲେ।

## ରୁଦ୍ର...

ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା । ରୁଦ୍ର ହସ୍ପିଟାଲରେ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ତାଙ୍କୁ ଏ ବିଷୟରେ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସଦର ଆଇଆଇସି ପ୍ରକାଶ କରିଥିଲେ ।

ଅନ୍ୟପକ୍ଷରେ ରୁଦ୍ର ହସ୍ପିଟାଲର ମ୍ୟାନେଜର ସୁଶାନ୍ତ ବେହେରାଙ୍କୁ ଏ ଘଟଣା ବିଷୟରେ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ସଂପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି । ସେ କହିଛନ୍ତି ଗତ ୧୫ ତାରିଖରେ ବାବୁଲା ଦିଗଲ୍ ହସ୍ପିଟାଲରେ ଆଡ୍ମିସନ୍ ହୋଇଥିଲେ । ତାଙ୍କର ମୁଣ୍ଡ ଅପରେସନ୍ ହୋଇଥିଲା । ଅପରେସନ୍ ସମୟରେ ତାଙ୍କ ମୁଣ୍ଡର ଏକ ଖପୁରୀହାଡ ନଷ୍ଟ ନହେବା ପାଇଁ ପେଟରେ ରଖାଯାଇଥିଲା । ହେଲେ ୧୬ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ସହଯୋଗ ନକରିବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି ଏବଂ କୌଣସି ଅଙ୍ଗ ତସ୍କରୀ ହୋଇନାହିଁ ବୋଲି ମ୍ୟାନେଜର ପ୍ରକାଶ କରିଛନ୍ତି । ସେହିପରି ରୁଦ୍ର ହସ୍ପିଟାଲ୍ ର ମାଲିକ ଅରୁଣ ଆଚାର୍ଯ୍ୟ ମଧ୍ୟ ସେଭଳି କିଛି ଅପରାଧ କରାଯାଇ ନାହିଁ ଯାହା ହୋଇଛି ସେ ସଂକ୍ରାନ୍ତରେ ସମସ୍ତ ତଥ୍ୟ ପ୍ରଶାସନକୁ ଆବଶ୍ୟକ ଦସ୍ତାବିଜ୍ ପ୍ରଦାନ କରାଯାଇଛି ।

କିନ୍ତୁ ପରିବାର ଲୋକେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ ସେମାନେ ଶବ ବ୍ୟବଚ୍ଛେଦ ପାଇଁ କହିଥିଲେ କିନ୍ତୁ ହସ୍ପିଟାଲ ତରଫରୁ ସେମାନଙ୍କୁ ମନା କରାଯାଇଥିଲା । ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଏହା ଏକ ଦୁର୍ଘଟଣା ଜନୀତ ଘଟଣା ହୋଇଥିବାରୁ ମେଡିକାଲ୍ କର୍ତ୍ତୃପକ୍ଷ କିଭଳି ଭାବରେ ପୋଲିସ୍କୁ ନଜଣାଇ କିମ୍ବା ଶବ ବ୍ୟବଚ୍ଛେଦ ନକରି ଶବ ପଠାଇ ଦେଇଥିଲେ? ଏତଦ୍ୱ୍ୟତୀତ ଭୁବନେଶ୍ୱରରେ ନ୍ୟୁରୋ ସର୍ଜରୀ ପାଇଁ ଅନେକ ବଡ ବଡ ଡାକ୍ତରଖାନା ଥିବା ବେଳେ ଦଲାଲ ମାନେ ତାଙ୍କୁ ରୁଦ୍ର ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

## ସିନ୍‌ୱାରଙ୍କ...

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ହମାସକୁ କହିଛନ୍ତି ।

ସିନୱାର ହେଉଛନ୍ତି ପାଲେଷ୍ଟିଆନମାନଙ୍କର ଏକ ପ୍ରମୁଖ ଚେହେରା । ସେ ଅନେକ ଦିନ ମଧ୍ୟ ଜେଲ୍‌ରେ ରହିଥିଲେ । ତାଙ୍କ ମୃତ୍ୟୁ ପରେ ଏବେ ହମାସର ନୂଆ ମୁଖ୍ୟ କିଏ ହେବ ଚିନ୍ତା ବଢ଼ିଛି । ହମାସ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ ଇସ୍ରାଏଲ୍‌ର ବନ୍ଧକମାନଙ୍କୁ ଛଡ଼ାଯିବ ନାହିଁ । ଯେପର୍ଯ୍ୟନ୍ତ ଇସ୍ରାଏଲ୍ ଗାଜାରେ ଯୁଦ୍ଧ ସମାପ୍ତ ନକରିଛି । ଏହି ବନ୍ଧକମାନଙ୍କୁ ଫେରସ୍ତ କରାଯିବ ନାହିଁ । ଆମ ଲୋକମାନଙ୍କ ଉପରେ ଗାଜାରେ ଆକ୍ରୋଷ ଚାଲିଛି ।

# ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜରଙ୍କ ଗାଳିଗୁଲଜ ଘଟଣା, ୨୧ରେ ଧାରଣା

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନ ରେ କାର୍ଯ୍ୟରତ ସୁପରଭାଇଜର ଅଙ୍ଗନୱାର୍ଡି କର୍ମୀଙ୍କୁ ଗାଳି ଗୁଲଜ କରିଥିବା ନେଇ ସିଡିପିଓ ଦାୟିତ୍ୱରେ ଥିବା ବିଡିଓଙ୍କ ନିକଟରେ ଈଶ୍ୱରପୁର ସେକ୍ଟର ଅଙ୍ଗନୱାର୍ଡି କର୍ମୀମାନେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗ ମୁତାବକ ୨ ତାରିଖ ଦିନ ମହାଳୟା ଛୁଟି ଥିଲା । ଈଶ୍ୱରପୁର ସେକ୍ଟରର କେତେଜଣ ଅଙ୍ଗନୱାର୍ଡି କର୍ମୀ ମୋବାଇଲରେ ପୋଷଣ ଅନ୍ କରି ନଥିଲେ । ଈଶ୍ୱରପୁର ସେକ୍ଟର ଦାୟିତ୍ୱରେ ଥିବା ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ଈଶ୍ୱରପୁର ସେକ୍ଟର ହ୍ୱାଟ୍ସଆପ୍ ଗ୍ରୁପରେ ଧମକପୂର୍ଣ୍ଣ ଅଡିଓ ମ୍ୟାସେଜ ପଠାଇଥିଲେ । ଘଟଣାକୁ ନେଇ ୧୪ ଦିନ ବିତିଯାଇଥିଲେ ମଧ୍ୟ ସଂପୃକ୍ତ ସୁପରଭାଇଜରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଆସନ୍ତା ୨୧ ତାରିଖ ସୋମବାର ଦିନ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିବେ ବୋଲି ଈଶ୍ୱରପୁର ସେକ୍ଟରର ଅଙ୍ଗନୱାର୍ଡି କର୍ମୀ ମଂଜୁବାଳା ମଲିକ, ପ୍ରଭାତ ନଳିନୀ ମହାନ୍ତି, ଦୀପାଳି ମଲିକ, ପ୍ରମିଳା ରାଉଳ, ମହିମା ଦାସ, ମାଳତୀ ସୁତାର, ବେଲବତୀ ରାଉତ, କନକଲତା ଦାସ ପ୍ରମୁଖ ସିଡିପିଓ ଙ୍କ ଦାୟିତ୍ୱରେ ଥିବା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଘଟଣା ର ୧୪ଦିନ ବିତିଯାଇଥିଲେ ମଧ୍ୟ କାହା ଚାପରେ,କେଉଁ ପରିସ୍ଥିରେ ଆଉ କାହିଁକି ସମ୍ପୃକ୍ତ ସୁପରଭାଇଜର ଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ବଦଳି କରାଯାଉନାହିଁ ଏହାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ମହିଳା ଓ ଶିଶୁବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ହସ୍ତକ୍ଷେପ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଲଓଡିଶା ଅଙ୍ଗନୱାଡି ଲେଡିଜି ୱାର୍କରସ ଆସୋସିଏସନ ରାଜନଗର ବ୍ଲକ ଶାଖା ଓ କେନ୍ଦ୍ରାପଡ଼ାଜିଲ୍ଲା ଶାଖା ପକ୍ଷରୁ ସମ୍ପାଦିକା ପୁଷ୍ପ ଲତା ରଥ ପ୍ରମୁଖ ଦାବି କରିଛନ୍ତି ।

# ମହିମା ମାର୍କେଟ ପୂଜା କମିଟିର ଦଶହରା ଭସାଣି

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବଜାରରେ ଅନ୍ତର୍ଭୁକ୍ତ ମହିମା ମାର୍କେଟ ପୂଜା କମିଟିର ଶାରଦୀୟ ପୂଜା ଶେଷ ହେବା ପରେ ଆଜି ସନ୍ଧ୍ୟାରେ ଦଶହରା ଭଷାଣୀ ଅନୁଷ୍ଠିତ ହୋଇଛି । ଏହି ପୂଜା ମଣ୍ଡପରେ ୨୦ଫୁଟରୁ ଉର୍ଦ୍ଧ୍ୱ ମହାବୀର ହନୁମାନ ତାଙ୍କ ଦୁଇ କାନ୍ଧରେ ପ୍ରଭୁ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ବସାଇଥିବାର ଏକ ମୁଣ୍ମୟ ମୂର୍ତ୍ତି କୁ ଭକ୍ତ ମାନେ ଦର୍ଶନ କରି ଭକ୍ତି ବିଭୋର ହୋଇଥିଲେ । କମିଟିର ସଭାପତି ସଂଜୟ କୁମାର ରାଉତ, ସମ୍ପାଦକ ରଞ୍ଜନ କୁମାର ଦାସ ,କୋଷାଧ୍ୟକ୍ଷ ଜୀବନ ସାହୁ, ଶ୍ରୀକାନ୍ତ ସାହୁ,ଅଜିମ୍ ଖାଁ,ଜ୍ଞାନରଂଜନ ରାଉତ , ଅମରିଶ ବେହେରା, ରଘୁନାଥ ସାହୁ ଙ୍କ ସଂଯୋଜନାରେ ବହୁ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଜାକଜମକରେ ଭଷାଣୀ ଉତ୍ସବ ପାଳନ କରିଛନ୍ତ । ଏହି ପୂଜା କମିଟି ସହିତ ବଜାରର ଅନ୍ୟତମ ତ୍ରିନାଥ ଗୋସାଇଁ ପୂଜା କମିଟି ମଧ୍ୟ ଏହି ଭଷାଣୀରେ ସାମିଲ ହୋଇଥିଲେ । ଥାନା ଛକ ଠାରୁ ଶୋଭାଯାତ୍ରା ଆରମ୍ଭ କରାଯାଇ ବଜାର ମଧ୍ୟରେ ଥିବା ୮ନଂ କେନାଲ ମଧ୍ୟରେ ପ୍ରଭୁଙ୍କର ମୂର୍ତ୍ତିକୁ ପାଣିରେ ବିସର୍ଜନ କରାଯାଇଥିଲା । ପୋଲିସ ପକ୍ଷରୁ ଶାନ୍ତି, ଶୃଙ୍ଖଳା ରକ୍ଷା କରାଯାଇଥିଲା ।

## AFFIDAVIT

By virtue of an affidavit in the court of executive magistrate Nimapara. I Mitali Patra, aged about (23), W/o- Nrusinha Jena, Village- Gadaantuar, Po- Taradapada, Ps- Nimapara, Dist- Puri. Declare that this affidavit No.02 on dated.18.10.2024, I have changed my name from Sasmita Patra to Mitali Patra. Henceforth I shall be known as Mitali Patra for all purposes.

Sd- Mitali Patra

## ଦ.ପୂ. ରେଳପଥ - ଟେଣ୍ଡର

**ଇ-ଟେଣ୍ଡର ନୋଟିସ ନଂ : ଇ-ସିପିଏମ-ଜିଏସୟୁ-ଆଦ୍ରା-୦୨-୨୪. ତାରିଖ ୧୭.୧୦.୨୦୨୪ ।** ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ସିପିଏମ/ଜିଏସୟୁ, ଦ.ପୂ. ରେଳବାଇ ନିମ୍ନଲିଖିତ କାର୍ଯ୍ୟ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : **କାର୍ଯ୍ୟର ବିବରଣୀ :** ଆଦ୍ରା ଡିଭିଜନରେ ଓଣ୍ଡାଗ୍ରାମ ଷ୍ଟେସନର ବ୍ୟାପକ ଉନ୍ନତିକରଣ ପାଇଁ ଅମୃତ ଭାରତ ଷ୍ଟେସନ ଯୋଜନା ଅନୁଯାୟୀ ବିକାଶମୂଳକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ :** ଟ. ୧୩,୯୫,୯୨, ୬୩୩.୬୪ । **ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୧୮-୧୧-୨୦୨୪, ୧୫.୦୦ ଘଣ୍ଟା । ଉପରୋକ୍ତ ଇ-ଟେଣ୍ଡର ସବିଶେଷ ବିବରଣୀ ୱେବସାଇଟ **www.ireps.gov.in** ରେ ଦୟାପୂର୍ବକ ଦେଖନ୍ତୁ । (PR-714)

## ଘୋଷଣା ପତ୍ର

ଏତଦ୍ୱାରା ଘୋଷଣା କରୁଅଛି କି ମୁଁ କନକଲତା ବାରିକ, ପିତା-ସ୍ୱର୍ଗତ ଗୁରୁଚରଣ ବାରିକ, ଗ୍ରାମ-ରାଣିଗୋଡା, ପୋଷ୍ଟ-ଶୁକ୍ଳେଶ୍ୱର, ଥାନା-ମାହାଙ୍ଗା, କଟକର ବାସିନ୍ଦା ଅଟେ । ମୁଁ ଅବିବାହିତ ଅଟେ । ମୋର ସମସ୍ତ କାଗଜ ପତ୍ରରେ ଏହି ଠିକଣା ରହିଛି । ଏପରିକି ମୋର ଭୋଟର ପରିଚୟ ପତ୍ରରେ ଉକ୍ତ ଠିକଣା ରହିଛି । ମୋର ବିଦ୍ୟାଳୟ ପ୍ରମାଣପତ୍ରରେ ଜନ୍ମ ତାରିଖ ମେ-୩-୧୯୬୪ ରହିଛି । କିନ୍ତୁ ମୋର ଆଧାର ନମ୍ବର ୬୬୯୦-୭୫୪୬-୩୦୦୫ରେ ମୋ ଫଟୋ ଥିବାବେଳେ ଠିକଣାରେ ଭାବି ବାରିକ ଓ ଜନ୍ମ ତାରିଖ ୧୪/୦୮/୧୯୪୦ ରହିଛି । ଭାବି ବାରିକ ମୋ ମା ଅଟନ୍ତି । ଏହାକୁ ମୁଁ ପରିବର୍ତ୍ତନ କରି ନିଜ ଠିକଣା ରଖିବି । ଏନେଇ କାହାର ଆପତ୍ତି ଅଭିଯୋଗ ରହିବ ନାହିଁ ।

---

### GOVT. OF ODISHA : OFFICE OF THE SUPERINTENDING ENGINEER
### RURAL WORKS DIVISION-I, KEONJHAR

Tel. 06766-258094(O)
Mail: eerwl kjr@yahoo.com

O-356

**"e" Procurement Notice for Road Works**
**Identification No Online NCB - 01/2024-25.**

1. Name of the Work : 33 Nos. Road Work
2. Total Number of Work : 33 Nos.
3. Estimated Cost : Rs. 5.08 Lakhs to Rs. 44.07 Lakhs
4. Class of Contractor : D,C&B Class
5. Period of Completion : As per annexure of e-Procurement Notice No.**01 of 2024-25.**
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superntending Engineer, Rural Works Division-I, Keonjhar | Road Online NCB No. 01 | Dt.21.10.2024 at 11.00 A.M. | Dt. 30.10.2024 up to 5.00 P.M. | Dt. 29.10.2024 up to 5.00 P.M. | Dt. 01.11.2024 at 11.00 A.M. |

Further details can be seen from the Website **www.tenderorissa. gov.in**

OIPR : 25110/11/0001/2425

Sd/- Additional Chief Engineer
R.W. Division-I, Keonjhar

---

### GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER
### RURAL WORKS CIRCLE: SUNDARGARH

AT7PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG - 10 of 2024-25 , Letter No 2278 /Dtd. 08.10.2024

O-363

**e-Procurement NOTICE**

1. Type of the Work : Buildings ( DMF)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-10 of 2024-25 | 21.10.2024 11.00 AM | 11.11.2024 5.00 PM | 08.11.2024 5.00 PM | 12.11.2024 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd/- Chief Engineer, (Design & Quality Control)
Chief Construction Engineer (I/C)
Rural Works Circle, Sundargarh

OIPR : 25133/11/0019/2425

---

E-Mail ID: eerw_titilagarh@yahoo.co.in

### GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION: TITILAGARH

O-378

**e Procurement Notice**

**IFB IDENTIFICATION NO. SETIG-online-02/2024-25**

1. Name of work : Road works
2. Total no of works : 37(Thirty-seven) nos.
3. Approximate Estimated Cost : Varies from Rs 5.00 to 44.12 lakhs
4. Time for completion : 01 (One) calendar month
5. Mode of Submission of tender : Tender should be submitted online in **www.tenders.ori.nic.in**
6. Other details are as follow : As per TCN No.SETIG-online-02/2024-25

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening tender |
|---|---|---|---|---|---|
| Superntending Engineer, R.W. Divn., Titilagarh | SETIG-online-02/2024-25 | 24.10.2024 at 11.00 A.M. | 07.11.2024 up to 5.00 P.M. | 06.11.2024 to 11.00 A.M. | 08.11.2024 at 11.00 A.M. |

• Further details can be seen from the website **www.tenders.ori.nic.in**
• Any Corrigendum/Addendum will be displayed in the above e tender website only.

Sd/- Additonal Chief Engineer
R.W. Division, Titilagarh

OIPR : 25078/11/0002/2425

---

### OFFICE OF THE PANCHAYAT SAMITI, BINKA, SUBARNAPUR
At/P.O.- BINKA, Dist.- SUBARNAPUR, Odisha
(E-Mail: ori-binika@nic.in)

i-238

**TCN NO-02/2024-25**

Advt.No:02/2024-25 Date: 17/10/2024

Bid Documents consisiting of work,Estimated Cost,Cost of Tender Paper,EMDTime of complition,Class of contractors and the set of terms and conditios of Contract and other necessary documents can be seen in Government website.i.e:, **https://subarnapur.odisha.gov.in**

1. Name of the Work : As per DTCN.
2. No of Works : 04 Nos.
3. Estimated Cost : As per Annexure
4. Period of Completion : As per DTCN.
5. Date & Time of Availability of Bid Documents in the portal : Dt-18.10.2024 to 01.11.2024 till 5.30 P.M
6. Last date & Time for receipt of bids in the portal : Dt-02.11.2024 till 5.30 P.M
7. Bids received online shall be opened on: Dt-05.11.2024 at: 11:00 am
8. Name and Address of the officer inviting Bid: Block Development Officer, Binka, Subarnapur Further Details can be seen from the Dist. website i.e:, **https://subarnapur.odisha.gov.in**

Sd/- Block Development Officer,
BINKA, SUBARNAPUR

OIPR : 19426/11/0001/2425

---

### O/O CHIEF DISTRICT MEDICAL & PUBLIC HEALTH OFFICER
### DISTRICT PROGRAMME MANAGEMENT UNIT
### NATIONAL HEALTH MISSION BALASORE

E-412 e-mail- dpmubal@gmail.com

**Sealed Tenders are** invited by the CDM & **PHO** cum District Mission **Director, NHM, Balasore** from **the** established and reputed Agencies /Suppliers for the following **purpose.**

**Supply of Food and Beverages for all types of Training and Meeting.** Interested bidders may send their complete bids in double cover system (Technical & Financial) super scribing the Tender Notification No. 14435 and date**: 18.10.2024**.on the top **of** the **Bid** envelop and addressing clearly to the CDM&PHO,Balasore.Pin:756001. Bidders are advised **to** visit the district web site **www.balasore.odisha.gov.in** for detailed tender requirements. Last date for receipt of Tender is 04.11.2024 latest **by 5.30 PM** only through Speed **post/Regd Post and the bids so received will be opened on 05.11.2024 at 11.30 am. in the official chamber of the CDM&PHO, Balasore.** The bidders are advised to keep in touch with the district website for addendum or corrigendum if at all required till the end of the tender process. No publication in the newspaper **will** be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd/- CDM & PHO cum District Mission Director
NHM Balasore

OIPR : 10032/11/0006/2425

---

Phone-0680 2291405
EMail: eerw_gm1@yahoo.co.in

### OFFICF OF THE SUPERINTENDING ENGINEER
### RURAL WORKS DIVISION-1. GANJAM, BERHAMPUR

O-382

**Government of Odisha e-Procurement Notice**
**Bid Identification No. Online Tender // 02 // SERWDG-I//2024-25**

Letter No. 4191 //RWDG-1//BAM//Date: 14.10.2024

| | | | |
|---|---|---|---|
| 1 | Name of the Work | : | Repair to Road Work |
| 2 | Estimated Cost | : | Rs.6.72 to 36.97 Lakhs1 |
| 3 | Period of Completion | : | As per Annexure Column No. 06. |
| 4 | Date & Time of Availability of Bid Documents in the Portal | : | From 22.10.2024 at 11.30 AM to 05.11.2024 up to 4.00 PM |
| 5 | Last Date/ Time for Receipt of Bids in the Portal | : | 05.11.2024 up to 4.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**

Sd/- Additional Chief Engineer
R.W Division-I, Ganjam, Berhampur

OIPR : 25085/11/0001/2425

---

### GOVT. OF ODISHA : ST & SC DEVELOPMENT DEPARTMENT
### INTEGRATED TRIBAL DEVELOPMENT AGENCY: KARANJIA, DIST-MAYURBHANJ

**E-PROCUREMENT NOTICE**

**BID IDENTIFICATION NO. - 02/2024-25**

e-mail -itdakja@nic.in / itdakaranjia@gmail.com

No. 1822 Dtd. 17.10.24

**CAD-1389 :** Bid Documents consisting of Work , Estimated Costs, Cost of Tender Papers , EMD, Time of completion , Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. **www.tendersorissa.gov.in**

1. No. of works : 3 **(Three)** Nos.
2. Estimated cost : Varies from 15.00 lakh to 20 lakh.
3. Period of completion : 3 calendar months
4. Date & Time of availability of the Bid documents : From 10 AM of 22nd **October** , 2024 to 4th **November** , 2024 upto 5 P.M.
5. Last date & time of receipt of Bids in the portal : Dt. 04th November , 2024 upto 5 P.M.
6. Bids received online shall be opened on : Dt. 06th November , 2024- 11 A.M. onwards
7. Name and address of the Officer inviting Bids : **Project Administrator, ITDA, karanjia**

Further details can be seen / downloaded from the procurement portal i.e. **www.tendersorissa.gov.in**

Sd/- Project Administrator
I.T.D.A., Karanjia

OIPR : 19007/11/0004/2425

---

### OFFICE OF THE DIVISIONAL FOREST OFFICER, BERHAMPUR DIVISION

AT-COURTPETA, BRAHMAPUR-760004
*Phone/Fax- 0680-2281354, Mob- +91 7653908594,*
Email-dfo.berhampur@odisha.gov.in

**Tender No. 06/1F 2024-25,**
**Dated, Brahma pur the 17th October, 2024.**

**Re-Tender Call Notice for Procurement and Installation of Three Phase 58.5 KVA Silent Diesel Generator Set**

**MM-197 :** Sealed tenders/bids are invited from registered vendors for Procurement, Erection and Installation of **Three Phase 58.5 KVA Silent Diesel Generator Set** for Sonapur Eco Tourism Site of Berhampur Range under Brahmapur Forest Division

The eligibility criteria and detailed specifications are available in the tender document. The tender document and other details are available in the website **www.odishaforest.in./ganjam.nic.in from 18.10.2024**

The last date of receipt of bids is **24.10.2024 by 05.00 PM.**

Sd/- Divisional Forest Officer
Brahmapur Division

OIPR : 08038/11/0017/2425

---

### କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CDA

CAD- 1385

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ-13-3D/1136ଟିକୁ ଶ୍ରୀମତୀ ବିଳାସିନୀ ଦେବୀ, ସ୍ୱାମୀ-ଚନ୍ଦ୍ର ଶେଖର ମିଶ୍ର, ସା-ଶ୍ରୀବିହାର କଲୋନୀ, ପୋ-ତୁଳସୀପୁର, ଥା-ବିଡାନାସୀ, ଜିଲ୍ଲା-କଟକ-୭୫୩୦୦୮ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବିଳାସିନୀ ଦେବୀ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଚୈତନ୍ୟ ଦେବ ମଲ୍ଲିକ, ପିତା- ବଟକୃଷ୍ଣ ମଲ୍ଲିକ, ସା-ବହୁଦଳପାଟଣା (ପାଗା ଛକ), ପୋ-ବହୁଗ୍ରାମ, ଥା-ଜଗତପୁର, ଜିଲ୍ଲା-କଟକ-୭୫୪୨୦୦ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ସଚିବ

OIPR : 13037/11/0092/2425

---

### HOUSING AND URBAN DEVELOPMENT DEPARTMENT
### OFFICE OF THE BARGARH MUNICIPAL COUNCIL: BARGARH

AT/PO/DIST.-BARGARH, PIN-768028, Email-eo.bargarhmunicipality@gmail.com

No. 3073 Date : 18.10.24

C-792

**CORRIGENDUM-1**

Tender Reference No-01/BGH-MUN/2024-25

| Sl No | Details | Changes |
|---|---|---|
| | **Financial Bid & Instructions** | |
| 1 | Financial Bid Clause No-(2) & Instruction Clause No-(2)<br>For providing smooth sanitation services, the Tender Committee has decided that the each bidder must quote his rate which not be less 2% of the total estimated cost, unless his bid shall be rejected and the bidder must quote his rate up to only two digits after decimal also wrong computation in financial bid will be liable for rejection | For providing smooth sanitation services, the Tender Committee has decided that each bidder must quote his rate not less than 3.85% and not more than 7% on Service charges only, unless bid shall be rejected. |
| | **General Term & Conditions** | |
| 2 | Sl No.10- The bidder should have the Head office at Bargarh (Proof to be enclosed). | The bidder should provide one undertaking for always available in Bargarh Municipality after awarded the tender. |
| | Sl No.11-Preference shall be given to the bidder of Bargarh District. | This point is withdrawn. |
| | **Eligibility Criteria of the Bidder** | |
| 3 | Sl No.2- Annual averaged Turnover (2021-22, 2022-23 & 2023-24)<br>-3 Cr.- 5 Cr.: 5 Marks<br>-5 Cr.- 7 Cr.:10 Marks<br>-7.5 Cr.-10 Cr.:15 Marks | - 3 Cr.- 5 Cr.: 5 Marks<br>- 5 Cr.- 10 Cr.:10 Marks<br>- > 10 Cr. : 15 Marks |

Sd/- Executive Officer
Bargarh Municipality

OIPR : 13103/11/0005/2425

---

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇସ୍ରାଏଲ-ହମାସ ଯୁଦ୍ଧର ଅବସାନ

**ତେଲଆଭିଭ:** ଏୟାର ଷ୍ଟ୍ରାଇକରେ ହମାସ ମୁଖ୍ୟ ୟାହୟା ସିନୱାରର ମୃତ୍ୟୁ ପରେ ଯୁଦ୍ଧ ସାଙ୍ଗ ନେଇ ଘୋଷଣା କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ଯଦି ହମାସ ବନ୍ଧକମାନଙ୍କୁ ମୁକ୍ତ କରିବା ସହ ଅସ୍ତ୍ରବିରତି କରେ ତେବେ ଆସନ୍ତାକାଲି ସୁଦ୍ଧା ଯୁଦ୍ଧ ଶେଷ ହୋଇଯିବ । ସୋଶାଲ ମିଡିଆ ଏକ୍ସରେ ଏକ ଭିଡିଓ ଶେଆର କରି ନେତାନ୍ୟାହୁ କହିଛନ୍ତି, ୟାହୟା ସିନୱାର ମୃତ । ଇସ୍ରାଏଲର ସାହସୀ ସେନା ରାଫାରେ ୟାହୟାକୁ ନିପାତ କରିଛନ୍ତି । ଗାଜାରେ ଯୁଦ୍ଧ ସମାପ୍ତ ହୋଇନଥିଲେ ମଧ ଏହା ଯୁଦ୍ଧ ଶେଷର ଆରମ୍ଭ ।



ସେ ଆହୁରି କହିଛନ୍ତି, ଗାଜାର ଲୋକଙ୍କୁ ମୁଁ ସରଳ ଭାଷାରେ କହୁଛି ଯେ, ଏହି ଯୁଦ୍ଧ ଆସନ୍ତାକାଲି ଶେଷ ହୋଇପାରେ । ଯଦି ହମାସ ଅସ୍ତ୍ର ଛାଡ଼ିଦିଏ ଏବଂ ଆମ ବନ୍ଧକମାନଙ୍କୁ ଫେରାଇ ଦିଏ ତେବେ ଯୁଦ୍ଧ ଶୁକ୍ରବାର ସୁଦ୍ଧା ଶେଷ ହୋଇଯିବ ।

ପ୍ରକାଶ ଥାଉକି, ଗତକାଲି ଇସ୍ରାଏଲ ସେନା ୟାହୟାର ନିପାତ ହୋଇଥିବା ଘୋଷଣା କରିଥିଲା । ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ୟାହୟାର ମୃତ୍ୟୁ ଘଟିଥିବା ସେନା ସ୍ପଷ୍ଟ କରିଥିଲା । ଏହାପରେ ମୃତ୍ୟୁ ପୂର୍ବରୁ ୟାହୟାର ଏକ ଭିଡିଓ ମଧ ଜାରି କରିଥିଲା ।

ଗତ ବର୍ଷ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ କରିଥିବା ଏୟାର ଷ୍ଟ୍ରାଇକର ମାଷ୍ଟର ମାଇଣ୍ଡ ଥିଲା ୟାହୟା । ୟାହୟାର ନେତୃତ୍ୱରେ ହିଁ ହମାସ ଚାଲିଥିଲା । ସେ ଏକ ପ୍ରକାର ହମାସର ମୁଖ୍ୟ ଥିବା କହିଲେ କିଛି ଭୁଲ୍ ହେବନି ।

## ହମାସ ଚିଫ୍‌ଙ୍କ ହତ୍ୟାର ଭିଡିଓ ଭାଇରାଲ

ହମାସ ଚିଫ୍ ୟାହୟା ସିନୱାରଙ୍କ ଏଭଳି କିଛି ଶେଷ ଭିଡିଓ ଏବେ ସାମ୍ନାକୁ ଆସିଛି । ଇସ୍ରାଏଲ ସେନା ଏହି ଭିଡିଓକୁ ଜାରି କରିଛି । ଇସ୍ରାଏଲର ରକେଟ୍ ଆକ୍ରମଣରେ ହମାସ ମୁଖ୍ୟ ୟାହୟା ସିନୱାରର ମୃତ୍ୟୁ ହୋଇଛି । ଏନେଇ ଇସ୍ରାଏଲ ସେନା ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଇସ୍ରାଏଲର ଆକ୍ରମଣରେ ହାମାସ ମୁଖ୍ୟ ୟାହୟା ସିନୱାରଙ୍କ ମୃତ୍ୟୁ ପରେ ଆଇଡିଏଫ୍ ବର୍ତ୍ତମାନ ଏହି ଭିଡିଓ ସେୟାର କରିଛି । ଏହି ଭିଡିଓ ରିଲିଜ୍ ହେବା ପରେ ସିନୱାରଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ ମଧ ସାମ୍ନାକୁ ଆସିଛି । କୁହାଯାଉଛି ଯେ ଇସ୍ରାଏଲ୍ ୟାହୟା ସିନୱାରଙ୍କୁ ହତ୍ୟା କରିବା ପାଇଁ ଏକ ସ୍ୱତନ୍ତ୍ର ଅପରେସନ୍ ଚଳାଇଥିଲା । ଆଇଡିଏଫ୍ ହମାସ ଚିଫ୍‌ଙ୍କ ଯେଉଁ ଶେଷ ସମୟର ଭିଡିଓ ଜାରି କରିଛି, ସେଥିରେ ସିନୱାର ବେଶ୍ ଅସହାୟ ଦେଖାଯାଉଛି । ଭିଡିଓରେ ସିନୱାର ଏକ ନଷ୍ଟ ହୋଇଯାଇଥିବା ଫ୍ଲାଟ ଭିତରେ ବସିଥିବା ବେଳେ ତାଙ୍କର ଗୋଟିଏ ଛିଣ୍ଡି ଯାଇଥିବା ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ସୋଫା ଉପରେ ରକ୍ତ ଜୁଡୁବୁଡୁ ଓ ମୁଣ୍ଡରୁ ଗୋଡ଼ ଯାଏ ଧୂଳିରେ ଗୁରୁତର ଅବସ୍ଥାରେ ବସିଛି । ତେବେ ନିଜ ଶେଷ ସମୟରେ ବି ସିନୱାର କିଭଳି ଜୀବନ ରକ୍ଷା କରି ଦୌଡି ପଳାଇବାକୁ ଚେଷ୍ଟା କରୁଛି ତାହା ମଧ ଭିଡିଓରେ ନଜର ଆସିଛି । ୟାହୟା ସିନୱାରଙ୍କୁ ହତ୍ୟା କରିବା ପରେ ଆଇଡିଏଫ୍ ମୁଖପାତ୍ର ଡାନିଏଲ୍ ହାଗରୀ ଏକ ବୟାନ ଜାରି କରିଛନ୍ତି । ଏକ ଫ୍ଲାଟ ଖୋଜୁଥିବାବେଳେ ଆମ ଟିମ୍ ସିନୱାରଙ୍କୁ ଦେଖିବାକୁ ପାଇଥିଲେ । ଆମ ସୈନ୍ୟବାହିନୀ ତାଙ୍କ ଲୋକେସନ ବିଷୟରେ ଜାଣିବା ପରେ ୟାହୟା ନିଜକୁ ବଞ୍ଚାଇବା ପାଇଁ ଏଠାରୁ ସେଠାକୁ ଦୌଡିବାକୁ ଲାଗିଥିଲେ । ତେବେ ଆମ ଟିମ୍ ଠିକ୍ ସମୟରେ ତାଙ୍କ ଲୋକେସନକୁ ଟ୍ରେସ୍ କରି ତାଙ୍କୁ ହତ୍ୟା କରିଥିଲା । ଗାଜାରେ ଇସ୍ରାଏଲ୍ ଦ୍ୱାରା କରାଯାଇଥିବା ଏହି ସ୍ୱତନ୍ତ୍ର ଅପରେସନ୍ ସମୟରେ ସିନୱାରର ଆହୁରି ଅନେକ ସହଯୋଗୀଙ୍କୁ ମଧ ହତ୍ୟା କରାଯାଇଛି ବୋଲି ହାଗରୀ କହିଛନ୍ତି । ଇସ୍ରାଏଲ ସେନା କହିଛି ଯେ, ଯେଉଁ ସମୟରେ ସିନୱାରଙ୍କୁ ହତ୍ୟା କରାଯାଇଥିଲା, ତା'ର କିଛି ସମୟ ପୂର୍ବରୁ ହମାସ ମୁଖ୍ୟ ଗାଜାର ସୁଡ଼ଙ୍ଗ ଭିତରେ ବୁଲୁଥିଲେ । ଏହି ସୁଡ଼ଙ୍ଗ ଭିତରୁ ବାହାରି ଯେତେବେଳେ ସେ ଏକ ବିଲ୍ଡିଂରେ ଲୁଚିଥିଲେ ସେତେବେଳେ ଆଇଡିଏଫଙ୍କୁ ଏହି ସୂଚନା ମିଳିଥିଲା । ଏହାପରେ ଇସ୍ରାଏଲ ସେନା ପୂରା ଅଞ୍ଚଳକୁ ଘେରି ରହି ଉକ୍ତ ବିଲ୍ଡିଂକୁ ଟାର୍ଗେଟ କରିଥିଲା । ଏହି ଆକ୍ରମଣରେ ସିନୱାର ଗୁରୁତର ଆହତ ହୋଇଥିଲେ ଓ ପରେ ତାଙ୍କର ମୃତ୍ୟୁ ହୋଇଥିବା ଆଇଡିଏଫ୍ କହିଛି ।

# ସଲମାନଙ୍କୁ ପୁଣି ହତ୍ୟା ଧମକ




**ମୁମ୍ବାଇ:** ମୁମ୍ବାଇ ଟ୍ରାଫିକ୍ ପୁଲିସ ନିକଟକୁ ସଲମାନ ଖାନ୍‌ଙ୍କ ନାଁରେ ଧମକପୂର୍ଣ୍ଣ ମେସେଜ ମିଳିଛି । ହ୍ୱାର୍ଟ୍ସଆପ୍‌ରେ ଏହି ମେସେଜ ଆସିଛି । ଏଥିରେ ସଲମାନଙ୍କ ଠାରୁ ୫ କୋଟି ଟଙ୍କା ଦାବି କରାଯାଇଛି । ମେସେଜରେ ଲେଖାଯାଇଛି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗଠାରୁ ସୁରକ୍ଷିତ ରହିବାକୁ ଚାହୁଁଥିଲେ ସଲମାନ ୫ କୋଟି ଟଙ୍କା ଦିଅନ୍ତୁ । ନଚେତ ବାବା ସିଦ୍ଦିକିଙ୍କ ଠାରୁ ବି ତାଙ୍କ ଅବସ୍ଥା ଖରାପ ହେବ । ତାଙ୍କ ଜୀବନ ପ୍ରତି ବିପଦ ରହିଛି । ମେସେଜ ପଠାଇଥିବା ବ୍ୟକ୍ତି ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଅତି ନିକଟତର ବୋଲି କହିଛି । ଏହି ଧମକପୂର୍ଣ୍ଣ ମେସେଜ ପାଇବା ପରେ ମୁମ୍ବାଇ ପୁଲିସ ତନାଘନା ଆରମ୍ଭ କରିଛି । ଏହାପୂର୍ବରୁ ସଲମାନଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ବୁଧବାର ଦିନ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ସଲମାନଙ୍କ ଫାର୍ମ ହାଉସରେ ରେକି କରିଥିବା ଅଭିଯୁକ୍ତଙ୍କୁ ହରିୟାଣାର ପାନିପାତରୁ ଗିରଫ କରାଯାଇଛି । ଉକ୍ତ ବ୍ୟକ୍ତିର ନାମ ହେଉଛି ସୁକ୍ଖା ଓରଫ ସୁଖବିର ବଲବିର ସିଂହ । ସେ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ଶାର୍ପ ସୁଟର ଏବଂ ତାଙ୍କୁ ନାବି ମୁମ୍ବାଇ ଅଣାଯାଇଛି । ତାଙ୍କୁ କୋର୍ଟରେ ହାଜର କରାଯିବ । ପୁଲିସ କହିଛି, ସୁକ୍ଖାଙ୍କୁ ଗିରଫ କରିବା ଲାଗି ପୁଲିସ ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ପାନିପତରେ ପହଞ୍ଚିଥିଲା । ସେଠାର ଅଭିନନ୍ଦନ ହୋଟେଲର ରୁମ୍ ନଂ ୧୦୪ରୁ ତାଙ୍କୁ ଗିରଫ କରାଯାଇଥିଲା । ସେ ନିଜର ବେଶ ବଦଳାଇ ସେଠାରେ ଲୁଚିଥିଲେ । ସେ ପାନିପତର ରେରକଲା ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି । ତେବେ ବିଷ୍ଣୋଇ ଗ୍ୟାଙ୍ଗ ତାଙ୍କୁ ସଲମାନଙ୍କ ଘର ଉପରକୁ ଗୁଳିମାଡ଼ କରିବା ପାଇଁ ଦାୟିତ୍ୱ ଦେଇଥିଲା । ତାଙ୍କ ଦଳର କିଛି ସଦସ୍ୟ ଗିରଫ ହୋଇଥିଲେ ହେଁ ସୁକ୍ଖା ଫେରାର ଥିଲେ । ଏବେ ବାବା ସିଦ୍ଦିକିଙ୍କ ହତ୍ୟାର ଯାଞ୍ଚ କରୁଥିବା ବେଳେ ପୁଲିସକୁ ବଡ଼ ସଫଳତା ମିଳିଛି ।

# ପ୍ରବାସୀ ଶ୍ରମିକଙ୍କୁ ଗୁଳି କରି ହତ୍ୟା

**ଶ୍ରୀନଗର:** ସେପଟେ ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଉଦ୍ଧାର କରି ହସ୍ପିଟାଲ ପଠାଇଛି । ପୂରା ଅଞ୍ଚଳକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଘେରା ବନ୍ଦି କରାଯାଇଛି ସର୍ଚ୍ଚ ଅପରେସନ୍ ଜାରି ରହିଛି । ମୃତ ଯୁବକ ଜଣକ ହେଲେ ଜଣେ ପ୍ରବାସୀ ଶ୍ରମିକ । ସେ ବିହାରର ବାସିନ୍ଦା ବୋଲି ଜଣାପଡିଛି । ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କ ମୃତଦେହକୁ ରାସ୍ତାକଡରୁ ଉଦ୍ଧାର କରିଥିଲେ । ଏହାପରେ ପୁଲିସକୁ ଖବର ଦେଖିଥିଲେ । ନ୍ୟାସନାଲ କନଫରେନ୍ସ (ଏନସି) ନେତା ଓମାର ଅବଦୁଲ୍ଲା ଜମ୍ମୁ କଶ୍ମୀରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାର ଦୁଇ ଦିନ ପରେ ଏହି ଘଟଣା ଘଟିଛି । ଜମ୍ମୁ କଶ୍ମୀରରେ ସଂଗଠିତ ଆତଙ୍କବାଦ ହ୍ରାସ ପାଇବା ପରେ ଟାର୍ଗେଟରେ କିଲିଂ ଘଟଣା କ୍ରମାଗତ ଭାବେ ସାମ୍ନାକୁ ଆସୁଛି । ଗତ ବର୍ଷ ମଧ ଆତଙ୍କବାଦୀମାନେ ବିଭିନ୍ନ ଅଞ୍ଚଳରେ ହିନ୍ଦୁ ଏବଂ ଅଣ-କଶ୍ମୀରବାସୀଙ୍କୁ ଟାର୍ଗେଟ୍ କରି ହତ୍ୟା କରିଥିଲେ । ଅନନ୍ତନାଗ, ପୁଲୱାମା ଏବଂ ପୁଞ୍ଚ ଅଞ୍ଚଳରୁ ଅନେକ ଟାର୍ଗେଟ କିଲିଂ ଘଟଣା ସାମ୍ନାକୁ ଆସିଥିଲା ।

# ପୁଣି ଋଷ ଯିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ବ୍ରିକ୍ସ ଶିଖର ସମ୍ମିଳନୀପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଟୋବର ୨୨-୨୩ରେ ରୁଷ ଗସ୍ତ କରିବେ । ଏହି ଗସ୍ତ ସମୟରେ ସେ ଅନେକ ଦ୍ୱିପାକ୍ଷିକ ବୈଠକ ମଧ କରିବେ । ରୁଷ୍ ର ଅଧ୍ୟକ୍ଷତାରେ କାଜାନରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବା ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ରୁଷିଆ ଗସ୍ତ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ହେଉଛି ନ୍ୟାୟସଂଗତ ବିଶ୍ୱ ବିକାଶ ଏବଂ ନିରାପତ୍ତା ପାଇଁ ବହୁପକ୍ଷବାଦକୁ ସୁଦୃଢ଼ କରିବା । ଏହି ଶିଖର ସମ୍ମିଳନୀ ନେତାମାନଙ୍କୁ ପ୍ରମୁଖ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ବ୍ରିକ୍ସ ସଦସ୍ୟ ଦେଶର ପ୍ରତିପକ୍ଷ ଏବଂ ରୁଷିଆର କାଜାନରେ ଆମନ୍ତ୍ରିତ ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ଆଶା ରଖିଛନ୍ତି । ଗତ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ମୋଦୀ ଋଷ ଗସ୍ତରେ ଯାଇଥିଲେ । ୨୦୨୨ ଫେବ୍ରୁଆରୀରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଏହା ଥିଲା ମୋଦୀଙ୍କ ପ୍ରଥମ ଋଷ ଗସ୍ତ ।

# ମଧୁ କୋଡାଙ୍କୁ ଅଦାଲତି ଝଟକା

**ନୂଆଦିଲ୍ଲୀ:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟକା ଲାଗିଛି । ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ କୋଇଲା ସ୍କାମ ମାମଲାରେ ତାଙ୍କ ଦଣ୍ଡାଦେଶ ଉପରେ ରୋକ ଲଗାଇବାକୁ ଆବେଦନ କରିଥିଲେ । ଯାହାକୁ କୋର୍ଟ ଖାରଜ କରିଦେଇଛନ୍ତି ଜଷ୍ଟିସ ନୀନା ବନସାଲ କୃଷ୍ଣ କହିଛନ୍ତି ଯେ ପୂର୍ବତନ କୋଇଲା ସଚିବ ଏଚ୍ ସି ଗୁପ୍ତା, ଝାଡଖଣ୍ଡର ପୂର୍ବତନ ମୁଖ୍ୟ ସଚିବ ଏ କେ ବସୁ ଏବଂ କୋଡାଙ୍କର ଘନିଷ୍ଠ ସହଯୋଗୀ ବିଜୟ ଯୋଶୀଙ୍କୁ ଦୁର୍ନୀତି ମାମଲାରେ ତଳ କୋର୍ଟ ୩ ବର୍ଷର ଜେଲ ଦଣ୍ଡ ଶୁଣାଇଥିଲେ କୋଲକାତାର ବିନି ଆଇରନ ଆଣ୍ଡ ଷ୍ଟିଲ ଉଦ୍ୟୋଗ ଲିମିଟେଡ଼କୁ ରାଜ୍ୟରେ ରାଜହାର ଉତ୍ତର କୋଇଲା ବ୍ଲକ ଆବଣ୍ଟନରେ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଥିଲା ।



ଅପରାଧିକ ଷଡଯନ୍ତ୍ର ଏବଂ ୟୁପିଏ ଶାସନର କୋଇଲା ଘୋଟାଲା ଅଭିଯୋଗରେ କୋଲକାତା ଭିତ୍ତିକ କମ୍ପାନୀ ବିନି ଆଇରନ୍ ଏବଂ ଷ୍ଟିଲ୍ ଲିମିଟେଡ୍ ବିଆଇଏସୟୁଏଲ, କୋଡାଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା କୋର୍ଟ ଲଗାଇଥିଲେ । ଏହାପରେ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ କରାଯାଇଥିଲା । ଏହାପୂର୍ବରୁ ସେପ୍ଟେମ୍ବର ୩ ତାରିଖରେ ଦିଲ୍ଲୀ ହାଇକୋର୍ଟ ତାଙ୍କ ଦଣ୍ଡ ବିରୋଧରେ ରାୟ ସଂରକ୍ଷିତ ରଖିଥିଲେ । ଏଥିରେ ୪୦୦୦ କୋଟି ଟଙ୍କା କୋଇଲା ସ୍କାମରେ ଦୋଷୀ ସାବ୍ୟସ୍ତ ହେବା ଘଟଣାରେ କୋଡା ମାମଲା ଖାରଜ ପାଇଁ ଆବେଦନ କରିଥିଲେ । ଏହି ସମୟ ମଧ୍ୟରେ ସିବିଆଇ କୋଡାଙ୍କ ପିଟିସନର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲା । ତଦନ୍ତକାରୀ ସଂସ୍ଥା କହିଛି ଯେ ଦୋଷୀ ସାବ୍ୟସ୍ତ ହେବା ପାଇଁ ସମାନ ଆବେଦନ ମଧ ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହା ସହିତ ଏହା ମଧ କୁହାଯାଇଥିଲା ଯେ, ଯେହେତୁ ଦିଲ୍ଲୀ ହାଇକୋର୍ଟର ୨୦୨୦ ର ନିଷ୍ପତ୍ତି ଏହାର ଅନ୍ତିମ ରୂପ ନେଇଛି, ତେଣୁ ଏକ ନୂତନ ପିଟିସନ ଦାଖଲ କରି ଏହି ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ ସୂଚନା ଥାଉ କି କୋଇଲା ଘୋଟାଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଡିସେମ୍ବର ୧୬, ୨୦୧୭ ରେ ପଟିଆଲା ହାଉସ କୋର୍ଟ ତାଙ୍କୁ ଦୁର୍ନୀତି ନିର୍ବାରଣ ଆଇନ ଅନୁଯାୟୀ ତିନି ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ ଏବଂ ୨୫ ଲକ୍ଷ ଟଙ୍କା ଜରିମାନା କରିଥିଲେ ।

# ପନ୍ନୁ ହତ୍ୟା ଷଡ଼ଯନ୍ତ୍ର ମାମଲା
## ର' ବିରୋଧରେ ଆମେରିକାର ଅଭିଯୋଗ

**ନୂଆଦିଲ୍ଲୀ:** ଶିଖ୍ ବିଚ୍ଛିନ୍ନତାବାଦୀ ଗୁରପତଓ୍ୱନ୍ତ ସିଂହ ପନ୍ନୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଆମେରିକା କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ଭାରତୀୟ ଗୁଇନ୍ଦା ଏଜେନ୍ସି 'ର'ର ଜଣେ ପୂର୍ବତନ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ଆମେରିକା ମାଟିରେ ପନ୍ନୁଙ୍କ ଅସଫଳ ହତ୍ୟା ଷଡ଼ଯନ୍ତ୍ରରେ ଏହି ର' ଅଧିକାରୀଙ୍କ ସମ୍ପୃକ୍ତି ଥିବା ଆମେରିକା ଅଭିଯୋଗ କରିଛି ।

ଆମେରିକା କହିଛି ଯେ 'ର' ର ଏହି ପୂର୍ବତନ ଅଧିକାରୀ ଜଣକ ହେଉଛନ୍ତି ୩୯ ବର୍ଷୀୟ ବିକାଶ ଯାଦବ । ବିକାଶ ଯାଦବଙ୍କୁ ଭାରତର ବୈଦେଶିକ ଗୁଇନ୍ଦା ସେବା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ଓ୍ୱିଙ୍ଗ୍ ନିଯୁକ୍ତ କରିଛି । ଆମେରିକାର ଫେଡେରାଲ ପ୍ରସିକ୍ୟୁଟରମାନେ ଗୁରୁବାର ନ୍ୟୁୟର୍କର ଏକ ଆମେରିକୀୟ ଅଦାଲତରେ ବିକାଶ ଯାଦବଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି । ପନ୍ନୁଙ୍କ ହତ୍ୟା ମାମଲାରେ ଷଡ଼ଯନ୍ତ୍ର ଓ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି ।

ଆମେରିକାର ନ୍ୟାୟ ବିଭାଗ କହିଛି ଯେ ସେ ଏବେ ବି ଫେରାର ଅଛନ୍ତି । ପ୍ରାରମ୍ଭିକ ଅଭିଯୋଗରେ ବିକାଶ ଯାଦବଙ୍କୁ କେବଳ 'ସିସି-୧' (ସହ-ଷଡ଼ଯନ୍ତ୍ରକାରୀ) ବୋଲି ଚିହ୍ନଟ କରାଯାଇଥିଲା । ଗୁରୁବାର ଦିନ ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବିଶ କୁମାର ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ନ୍ୟାୟ ବିଭାଗର ଅଭିଯୋଗରେ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ଆଉ ଭାରତର ସରକାରୀ କର୍ମଚାରୀ ନୁହଁନ୍ତି । ଅନ୍ୟ ଜଣେ ସହଯୋଗୀ ନିଖିଲ ଗୁପ୍ତା ଗତବର୍ଷ ଚେକ୍ ରିପବ୍ଲିକ୍‌ରୁ ଗିରଫ ହୋଇଥିଲେ ଏବଂ ପ୍ରତ୍ୟର୍ପଣ ପରେ ଏବେ ସେ ଆମେରିକା ହେପାଜତରେ ଅଛନ୍ତି ।

# ଆପ୍ ନେତା ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଲା ଜାମିନ




**ନୂଆଦିଲ୍ଲୀ:** ଦୀର୍ଘ ୨୮ ମାସ ହେଲା ଜେଲରେ ଥିବା ଆପର ବରିଷ୍ଠ ତଥା ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଛି ଜାମିନ । ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ଇଡି ଗୋଟିଏ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଗିରଫ କରି ଜେଲ ପଠାଇଥିଲା । ଜାମିନ ପ୍ରଦାନ କରିବା ବେଳେ କୋର୍ଟ ଜୈନଙ୍କୁ ଦୀର୍ଘ ଦିନ ହେଲା ଜେଲରେ ଅଟକ ରଖାଯିବା କଥା ଉଠାଇଥିଲେ । ଏଥିସହ ଅନ୍ୟତମ ଆପ୍ ନେତା ମନୀଷ ସିସୋଦିଆଙ୍କୁ ଜାମିନ ଦେବା ବେଳେ ସୁପ୍ରିମକୋର୍ଟ କହିଥିବା କଥାକୁ ମଧ ତଳ କୋର୍ଟ ଦୋହରାଇଛନ୍ତି । ମାମଲାର ଦ୍ରୁତ ଶୁଣାଣି ମୌଳିକ ଅଧିକାର ମଧରେ ଆସୁଛି ବୋଲି କୋର୍ଟ କହିଛନ୍ତି ।

ଜୈନଙ୍କୁ ୨୦୨୨ ମସିହା ମେ' ୩୦ ତାରିଖରେ ଇଡି ଜୈନଙ୍କୁ ଗିରଫ କରିଥିଲା । ତାଙ୍କ ସହ ଜଡ଼ିତ ୪ କମ୍ପାନୀ ଜରିଆରେ ସେ ବେଆଇନ ଭାବେ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଇଡି ଏପରି ପଦକ୍ଷେପ ନେଇଥିଲା । ଗିରଫ ପରଠାରୁ ସତ୍ୟେନ୍ଦ୍ର ଜୈନ ବାରମ୍ବାର ଜାମିନ ଆବେନ କରୁଥିଲେହେଁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା ।

କୋର୍ଟ ଆଜି ରାୟ ଦେବା ବେଳେ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ଦେଇଛନ୍ତି । ବିଶେଷ କରି ପିଏମଏଲଏ ଭଳି କଠୋର ଆଇନ ସହ ଜଡ଼ିତ ମାମଲାରେ ଏହାକୁ ବେଶୀ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।

ଜାମିନ ଆବେଦନକୁ ସବୁଥର ଭଳି ଏଥର ମଧ ଇଡି ଜୋରଦାର ବିରୋଧ କରିଥିଲା । ଜୈନ ଯେହେତୁ ଦୀର୍ଘ ମାସ ହେଲା ଜେଲରେ ରହି ସାରିଲେଣି ଓ ନିକଟ ଭବିଷ୍ୟତରେ ମାମଲାର ଟ୍ରାଏଲ ମଧ ହେବା ଭଳି ଲାଗୁ ନାହିଁ ବୋଲି କୋର୍ଟ ମତ ରଖିଥିଲେ । ଏହାପରେ ଜୈନଙ୍କୁ ଜାମିନ ଦେଇଥିଲେ । କୋର୍ଟ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ବଳରେ ଜୈନଙ୍କୁ ଜାମିନ ଦେଇଛନ୍ତି । ଜାମିନରେ ଥିବା ବେଳେ ସେ ମାମଲା ସହ ଜଡ଼ିତ କୌଣସି ସାକ୍ଷୀ କିମ୍ବା ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବେ ନାହିଁ । ସେ କୌଣସି ବି ଉପାୟରେ ଟ୍ରାଏଲକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ ନାହିଁ । କୋର୍ଟଙ୍କ ବିନା ଅନୁମତିରେ ଜୈନ ବିଦେଶ ଯାତ୍ରା କରିପାରିବେ ନାହିଁ ମଧ କୋର୍ଟ ସର୍ତ୍ତ ରଖିଛନ୍ତି ।

# ଝାଡ଼ଖଣ୍ଡରେ ଆସନ ଭାଗବଣ୍ଟା
## ୬୮ ଆସନରେ ଲଢ଼ିବ ବିଜେପି

**ରାଞ୍ଚି:** ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜେପି ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛି । ଏକାଧିକ ଦଳ ସହ ମେଣ୍ଟ କରି ବିଜେପି ଝାରଖଣ୍ଡରେ ନିର୍ବାଚନ ଲଢ଼ିବ । ଦଳ ଏକାକୀ ରାଜ୍ୟର ୮୧ଟି ଆସନରୁ ୬୮ଟିରେ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ବାକି ୧୩ଟି ଆସନ ସହଯୋଗୀ ଆଜସୁ ପାର୍ଟି, ଜେଡିୟୁ ଓ ଏଲଜେପି(ରାମ ବିଳାସ) ପାଇଁ ଛାଡ଼ିଛି । ଏନଡିଏରେ ଥିବାର ଜିତନ ରାମ ମାଞ୍ଝୀଙ୍କ ହିନ୍ଦୁସ୍ଥାନ ଆବାମ ମୋର୍ଚ୍ଚା(ହାମ) ମଧ ବିଜେପି ଠାରୁ ସିଟ ଚାହୁଁଥିଲା । କିନ୍ତୁ ଦଳକୁ ଝାରଖଣ୍ଡ ମେଣ୍ଟରୁ ବାଦ ଦିଆଯାଇଛି । ସେହିପରି ବାକି ରହିଥିବା ୧୩ଟି ଆସନରୁ ଏକାକୀ ଆଜସୁ ୧୦ ସ୍ଥାନରେ ପ୍ରାର୍ଥୀ ଦେବ । ବାକି ୩ଟି ଆସନରୁ ଜେଡିୟୁ ୨ଟି ଓ ଏଲଜେପି ଗୋଟିଏ ଆସନରେ ଲଢ଼ିବ । ଝାଡ଼ଖଣ୍ଡ ନିର୍ବାଚନ ଦାୟିତ୍ୱରେ ଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଆଜି ଆମ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିନ । ଆମେ ଆଜି ସିଟ ଶେୟାରିଂ ଫର୍ମୁଲାକୁ ଆମ ଭିତରେ ଚୂଡ଼ାନ୍ତ କରିଛୁ । ଆସନ୍ତା ଦୁଇ ଦିନ ମଧରେ ଆମର କେନ୍ଦ୍ରୀୟ ନେତୃବୃନ୍ଦ ଝାରଖଣ୍ଡ ସହ ମହାରାଷ୍ଟ୍ର ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବେ । ସିଟ ଶେୟାରିଂ ସମ୍ପର୍କରେ ଘୋଷଣା କରାଯିବା ବେଳେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଆଜସୁ ପାର୍ଟି ମୁଖ୍ୟ ସୁଦେଶ ମହତୋ ଓ ବଜେପିର ରାଜ୍ୟସଭା ପତି ବାବୁଲାଲ ମାରାଣ୍ଡି ଉପସ୍ଥିତ ରହିଥିଲେ । ରାଞ୍ଚିରେ ଥିବା ବିଜେପି କାର୍ଯ୍ୟାଳୟରେ ଏପରି ଘୋଷଣା କରାଯାଇଛି । ବିଜେପି ପକ୍ଷରୁ ଆହୁରି କୁହାଯାଇଛି ଯେ ଦରକାର ପଡ଼ିଲେ ଶେଷ ମୁହୂର୍ତ୍ତରେ ସିଟ ଆବଣ୍ଟନରେ ସ୍ଥିତିକୁ ଦେଖି ପରିବର୍ତ୍ତନ କରାଯିବ । ଜେଏମଏମ ଓ କଂଗ୍ରେସ କେଉଁ ଭଳି ପ୍ରାର୍ଥୀ ଦେଉଛନ୍ତି, ତା'କୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରାଯିବ ବୋଲି ବିଶ୍ୱଶର୍ମା କହିଛନ୍ତି । ୨୦୧୯ ତୁଳନାରେ ବିଜେପି ଏଥର କମ ଆସନରେ ଲଢ଼ିବାକୁ ଯାଉଛି । ବିଜେପି ୨୦୧୯ରେ ୭୯ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୨୫ଟିରେ ଜିତିଥିଲା । ଆଜୁସ ପାର୍ଟି ୫୩ଟି ଆସନରେ ପ୍ରାର୍ଥୀ ଦେଇ ୨ଟି ଓ ବାବୁଲା ମାରାଣ୍ଡିଙ୍କ ଜେଭିଏମ-ପି ସ୍ୱାଧୀନ ଭାବେ ୮୧ଟି ଯାକ ଆସନରେ ଲଢ଼ି ୩ଟିରେ ବାଜିମାତ କରିଥିଲା । ତେବେ ଜେଏମଏମ ୩୦ ଓ କଂଗ୍ରେସ ୧୬ଟି ଆସନ ଜିତିଥିଲା ।



## ଏସିଆନ୍ ମହିଳା ହକି ଚାମ୍ପିଅନସିପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର,୧୮।୧୦(ସବ୍ୟୁ): ଆସନ୍ତା ନଭେମ୍ବର ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିର ଠାରେ ଏସିଆନ୍ ମହିଳା ହକି ଚାମ୍ପିଅନସିପ୍ ଆୟୋଜିତ ହେବ । ଭାରତ ସମେତ ଚୀନ୍, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଏବଂ ଥାଇଲାଣ୍ଡ ଦେଶର ମହିଳା ହକି ଦଳ ଅଂଶଗ୍ରହଣ କରିବେ । ବିଜୟୀ ଦଳକୁ ମିଳିବାକୁ ଥିବା ଟ୍ରଫିର ଏକ ଗୌରବମୟ ଯାତ୍ରା ଆରମ୍ଭ ହୋଇଛି । ଏହି ଟ୍ରଫି ଗୌରବ ଯାତ୍ରାର ଭବ୍ୟ ସ୍ୱାଗତ ଭୁବନେଶ୍ୱର ଠାରେ କରାଯାଇଛି ।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ଟ୍ରଫି ପହଞ୍ଚିବା ପରେ, ଧଉଳିଗିରିଠାରେ ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ହକି ଆସୋସିଏସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତରେ ଏସିଆନ୍ ମହିଳା ହକି ଚାମ୍ପିଅନସିପ୍ ଟ୍ରଫି ଅନାବରଣ କରାଯିବା ସହିତ ଏକ ଭବ୍ୟ ଗୌରବ ଯାତ୍ରା ସହିତ ଟ୍ରଫିକୁ କଳିଙ୍ଗ ଷ୍ଟାଡିୟମ୍‌କୁ ଅଣାଯାଇଥିଲା ।

ଟ୍ରଫି ଗୌରବ ଯାତ୍ରା କ୍ରୀଡାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବା ସହ କ୍ରୀଡାବିତମାନଙ୍କର ସାମଗ୍ରିକ ବିକାଶ, ମହିଳାଙ୍କର କ୍ରୀଡାରେ ଅଂଶଗ୍ରହଣ କରିବା ଏବଂ ସମସ୍ତ ହକି କ୍ରୀଡାବିତ୍ ଏବଂ ହକି ପ୍ରଶଂସକଙ୍କୁ ପ୍ରୋତ୍ସାହିତ କରିବାର ଏକ ମାଧ୍ୟମ । ଏଥିସହ ଏହି ଗୌରବ ଯାତ୍ରା ରାଜ୍ୟ ତଥା ଦେଶର ବହୁ ଯୁବ କ୍ରୀଡ଼ାବିତ୍ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଯୋଗାଇବା ସହ ସେମାନେ ଆଗକୁ ଯେପରି ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ମାନଙ୍କରେ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିବେ ତାହା ଆଶା ରଖାଯାଇଛି ।

ଟ୍ରଫି ଗୌରବ ଯାତ୍ରା ସମ୍ପର୍କରେ ହକି ପ୍ରୋମସନ କାଉନସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର କହିଛନ୍ତି, ଓଡ଼ିଶାରେ ଏସିଆନ୍ ମହିଳା ହକି ଚାମ୍ପିଅନସିପ୍ ଟ୍ରଫି ଗୌରବ ଯାତ୍ରା ଅନୁଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ହକିର ବିକାଶ ଓ ହକି କ୍ରୀଡାବିତଙ୍କୁ ସମସ୍ତ ପ୍ରକାର ସାହାଯ୍ୟ, ସୁବିଧା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଆଗାମୀ ଦିନରେ ବିହାରରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ମହିଳା ହକି ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ହକିଦଳ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ଦେଶକୁ ଗୌରବାନିତ୍ୱ କରିବେ ବୋଲି ଆମର ଆଶା ରହିଛି ।

ହକିରେ ଓଡ଼ିଶାର ଅନେକ ମହିଳା ହକି କ୍ରୀଡ଼ାବିତମାନେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ଓଡ଼ିଶାର ହକି କ୍ରୀଡାବିତ୍ ଦୀପ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ, ସୁନିତା ଲାକ୍ରା, ନମିତା ଟପ୍ପୋ, ସୁନେଲିତା ଟପ୍ପୋ, ଜ୍ୟୋତି ଛେତ୍ରୀ ହେଲେ ସମସ୍ତ ଯୁବ ମହିଳା ହକି କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣାର ଉତ୍ସ । ଆଗକୁ ମଧ୍ୟ ହକିର ବିକାଶ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିବ ।

ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ପ୍ରୋମସନ କାଉନସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଓଡ଼ିଶା ହକି ଆସୋସିଏସନ୍‌ର ଅଧିକାରୀଗଣ ଏବଂ କ୍ରୀଡାବିତ ଉପସ୍ଥିତ ଥିଲେ ।

# ମ୍ୟାଚ ବଞ୍ଚାଇବାକୁ ଭାରତର ସଂଘର୍ଷ

### ବେଙ୍ଗାଲୁରୁ ଟେଷ୍ଟ



ବେଙ୍ଗାଲୁରୁ,୧୮।୧୦ (ଏଜେନ୍ସି): ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ରୋଚକମୋଡରେ ପହଞ୍ଚିଛି । ବେଙ୍ଗାଲୁରୁରେ ଖେଳାଯାଉଥିବା ଟେଷ୍ଟରେ ଭାରତ ମ୍ୟାଚ ବଞ୍ଚାଇବାକୁ ସଂଘର୍ଷ ଜାରି ରହିଛି । ପ୍ରଥମ ଦିନ ବର୍ଷା କାରଣରୁ ଖେଳାଯାଇପାରିନଥିଲା । ତେବେ ଦ୍ୱିତୀୟ ଦିନ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୬ ରନ୍‌ରେ ଭାରତକୁ ଅଲ୍‌ଆଉଟ୍ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲା । ଏହାପରେ ରଚିନ ରବିନ୍ଦ୍ରଙ୍କ ଦମ୍‌ଦାର ୧୩୪ ରନ୍ ବଳରେ ନ୍ୟୁଜିଲାଣ୍ଡ ୪୦୨ ରନର ବିଶାଳ ସ୍କୋର କରିଥିଲା । ଏଥିସହ ୩୫୬ ରନ୍‌ର ବଡ଼ ଅଗ୍ରଣୀ ନେଇଛି ନ୍ୟୁଜିଲାଣ୍ଡ ଭାରତ ଦ୍ୱିତୀୟ ଇନିଂସରେ କେବଳ ମ୍ୟାଚ ବଞ୍ଚାଇବାକୁ ସଂଘର୍ଷ କରିଛି । ତେବେ ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର କିଛିଟା ଭଲ ପ୍ରଦର୍ଶନ କରିଛନ୍ତି । ମ୍ୟାଚର ଆଉ ଦୁଇ ଦିନ ବାକିଥିବାରୁ ଫଳାଫଳ ନ୍ୟୁଜିଲାଣ୍ଡ ସପକ୍ଷରେ ଯିବ ବୋଲି ଆଶା କରାଯାଉଛି । ତୃତୀୟ ଦିନ ଖେଳ ଶେଷ ସୁଧା ଭାରତ ୩ ଓ୍ୱିକେଟ୍ ହରାଇ ୨୩୧ ରନ୍ କରିଛି । ଦଳ ଏବେ ବି ନ୍ୟୁଜିଲାଣ୍ଡର ପ୍ରଥମ ପାଳିଠାରୁ ୧୨୫ ରନ୍ ପଛରେ ରହିଛି । ଷ୍ଟମ୍ପଅପସାରଣ ବେଳକୁ ସର୍ଫରାଜ ଖାନ୍ ୭୦ ରନ୍ କରି ଅପରାଜିତ ଥିଲେ । ଦିନର ଶେଷ ବଲରେ ବିରାଟ କୋହଲି ଦୁର୍ଭାଗ୍ୟଜନକ ଭାବେ ୭୦ ରନ୍ କରି ଗ୍ଲେନ୍ ଫିଲିପ୍ସଙ୍କ ବଲରେ ଆଉଟ୍ ହୋଇଥିଲେ । ତେଣୁ ଭାରତର ଚିନ୍ତା ବଢ଼ିଯାଇଛି । ଚତୁର୍ଥ ଦିନ ଭାରତ କିଭଳି ବ୍ୟାଟିଂ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିବ ।

ମ୍ୟାଚର ତୃତୀୟ ଦିନ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୪୫୩ ରନ୍ ହେବା ସହ ୧୦ ଓ୍ୱିକେଟ୍ ଝଡିଛି । ଦ୍ୱିତୀୟ ଦିନ ଖେଳ ଶେଷ ସୁଧା ନ୍ୟୁଜିଲାଣ୍ଡ ୩ ଓ୍ୱିକେଟ୍ ହରାଇ ୧୮୦ ରନ୍ କରିଥିଲା । ଆଜି ଦଳ ମୋଟ୍ ୪୦୨ ରନ୍ କରି ବାକି ୭ ଓ୍ୱିକେଟ୍ ହରାଇଥିଲା । ରଚିନ ରବିନ୍ଦ୍ର ୧୩୪ ରନ୍ ଓ ଟିମ୍ ସାଉଦୀ ୬୫ ରନ୍‌ର ଇନିଂସ ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବନ କନୱେ ୯୧, ଟମ୍ ଲାଥମ ୧୫, ଓ୍ୱିଲିୟଙ୍ଗ ୩୩, ଡାର୍ଲି ମିଚେଲ ୧୮, ଗ୍ଲେନ୍ ଫିଲିପ୍ସ ୧୪ ରନ୍ କରିଥିଲେ । ବୋଲିଂରେ ଭାରତର ଡାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ଓ ରବିନ୍ଦ୍ର ଜାଡେଜା ୩ଟି ଲେଖାଏଁ ଓ୍ୱିକେଟ୍ ସଫଳତା ହାତେଇଥିବା ବେଳେ ମହମ୍ମଦ ସିରାଜଙ୍କୁ ୨ଟି, ଯଶପ୍ରୀତ ବୁମରା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ କରି ଓ୍ୱିକେଟ୍ ସଫଳତା ହାସଲ କରିଥିଲେ ।

ପ୍ରଥମ ଇନିଂସରେ ୩୫୬ ରନ୍ ପଛରେ ଥିବା ଭାରତ ପାଇଁ ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଆଶାନୁରୂପ ଆରମ୍ଭ କରିଥିଲେ । ଚା ପାନ ବିରତି ଯାଏ ଉଭୟ କୌଣସି ବିପର୍ଯ୍ୟୟ ଘଟିବାକୁ ଦେଇନଥିଲେ । କିନ୍ତୁ ଏହି ବିରତି ପରେ ଓପନିଂ ଯୋଡି ଭାଙ୍ଗି ଥିଲା । ୫୨ ବଲ୍‌ରେ ୩୫ ରନ୍ କରିଥିବା ଜୟସ୍ୱାଲ ବଡ଼ ସଟ ଖେଳିବାକୁ ଯାଇ ଏଜାଜ ପଟେଲଙ୍କ ବଲ୍‌ରେ ଷ୍ଟମ୍ପିଂ ହୋଇଥିଲେ । ୭୨ ରନ୍‌ରେ ଭାରତର ପ୍ରଥମ ଓ୍ୱିକେଟ୍ ଝଡିଥିଲା । ଅଧିନାୟକ ରୋହିତ ଶର୍ମା ଦମ୍‌ଦାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ଏଜାଜ ପଟେଲଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ୫୨ ରନ୍ କରି ରୋହିତ ନିରାଶ ହୋଇ ପାଭିଲିୟନ୍ ଫେରିଥିଲେ । ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ସର୍ଫରାଜ ଖାନ୍ ଓ ବିରାଟ କୋହଲି ଦମଦାର ପ୍ରଦର୍ଶନ ଦେଖାଇଥିଲେ । ସର୍ଫରାଜ ୪୦ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ । ବିରାଟ ମଧ୍ୟ ୭୦ ବଲ୍‌ରେ ୫୦ ରନ୍ ପୂରଣ କରିଥିଲେ । ଷ୍ଟମ୍ପ ସମୟ ପାଖେଇ ଆସୁଥିବା ବେଳେ ଦୁଇ ବ୍ୟାଟର ସତର୍କତାର ସହ ଖେଳିଥିଲେ । ଲାଗୁଥିଲା ଶନିବାର ମଧ୍ୟ ଦୁହେଁ ପୁଣି ଇନିଂସକୁ ଆଗେଇ ନେବେ । କିନ୍ତୁ ଶେଷ ବଲରେ ଫିଲିପ୍ସ ସେଟ୍ ବ୍ୟାଟର ବିରାଟ କୋହଲିଙ୍କୁ ଆଉଟ୍ କରିବାକୁ ସକ୍ଷମ ହୋଇଥିଲେ । ତେଣୁ ଶେଷ ବଲ୍‌ରେ କୋହଲି ଆଉଟ୍ ହେବାରୁ ଭ୍ରମଣକାରୀ ଦଳକୁ ବଡ଼ ସଫଳତା ମିଳିଛି । ବିରାଟ ତାଙ୍କ ୭୦ ରନ୍ ଇନିଂସରେ ୮ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ସର୍ଫରାଜ ୭୦ ରନ୍ କରି ଅପରାଜିତ ଅଛନ୍ତି । ୭୮ଟି ବଲ୍‌ର ସାମ୍ନା କରି ସେ ୭ଟି ଚୌକା ଓ ୩ଟି ଛକା ମାରିଛନ୍ତି ।

### ରଣଜୀ ଟକ୍କର

## ଜମ୍ମୁ-କାଶ୍ମୀର ୨୭୦, ଓଡ଼ିଶା ୧୫/୧




ଭୁବନେଶ୍ୱର,୧୮।୧୦ (ସବ୍ୟୁ): ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଘରୋଇ ଭେନ୍ୟୁ ବାରାବାଟୀରେ ପ୍ରଥମ ମ୍ୟାଚ ଖେଳିଛି ଓଡ଼ିଶା ଦଳ । ଏହି ମ୍ୟାଚର ପ୍ରଥମ ଦିନ ଭ୍ରମଣକାରୀ ଦଳ ଜମ୍ମୁ-କାଶ୍ମୀର ଅବଦ୍ଧୁଲ ସମଦଙ୍କ ୧୨୭ ରନ୍ ସହାୟତାରେ ୭୦.୩ ଓଭରରେ ୨୭୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଷ୍ଟମ୍ପଅପସାରଣ ବେଳକୁ ଓଡ଼ିଶା ୯ ଓଭରରେ ୧ ଓ୍ୱିକେଟ୍ ହରାଇ ୧୫ ରନ୍ କରିଛି । ଅନୁରାଗ ଷଡଙ୍ଗୀ ୮ ଓ ସନ୍ଦୀପ ପଟ୍ଟନାୟକ ୬ ରନ୍ କରି ଅପରାଜିତ ଥିଲେ । ଓପନର ସାନ୍ତ୍ୱନୁ ମିଶ୍ର ବିନା ସ୍କୋରରେ ପାଭିଲିୟନ୍ ଫେରିଥିଲେ ।

ଐତିହାସିକ ବାରବାଟୀରେ ଜମ୍ମୁ-କାଶ୍ମୀର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଓପନର ଅଭିନବ ପୁରୀଙ୍କ ସହ ଶୁଭମ ଖଜୁରିଆ ପାଳି ଆରମ୍ଭ କରିଥିଲେ । କିନ୍ତୁ ଉଭୟ ବ୍ୟାଟରଙ୍କୁ ମାତ୍ର ୧୪ ରନ୍ ମଧ୍ୟରେ ଆଉଟ୍ କରି ପାଭିଲିୟନ୍ ଫେରାଇ ଦେଇଥିଲେ ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ । ଦୁଇ ପ୍ରାରମ୍ଭିକ ସଫଳତା ଯୋଗୁଁ ଘରୋଇ ଦଳ ମ୍ୟାଚ ଉପରେ ପ୍ରଭାବ ବିସ୍ତାର କରିଥିଲା । କିନ୍ତୁ ଜମ୍ମୁ-କାଶ୍ମୀର ପାଇଁ ଲଢୁଆ ବ୍ୟାଟିଂ କରିଥିଲେ ଅବଦ୍ଧୁଲ ସମଦ । ସେ ୧୧୭ ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୯ ଛକା ସହାୟତାରେ ୧୨୭ ରନ୍ କରିଥିଲେ । ତାଙ୍କର ଏହି ଇନିଂସ ଯୋଗୁଁ ଜମ୍ମୁ-କାଶ୍ମୀର ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳି ଭଲ ସ୍ଥିତିରେ ପହଞ୍ଚିଥିଲା । ଶୁଭମ କୁନ୍ଦିର ୨୦, ସାହିଲ ଲୋଟ୍ରା ୩୯, ଆବିଦ ମୁସ୍ତାକ ୧୭, ଯୁଦ୍ଧବୀର ସିଂ ୧୮, ଆକିବ ନବୀ ୧୨ ଓ ଉମର ନାଜିରମୀର ୧୧ ରନ୍ କରିଥିଲେ । ବୋଲିଂରେ ଓଡ଼ିଶାର ସମିତ ଶର୍ମାଙ୍କୁ ସର୍ବାଧିକ ୫ଟି, ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦୁଇଟି ଲେଖାଏଁ ତଥା ଦେବବ୍ରତ ପ୍ରଧାନଙ୍କୁ ଗୋଟିଏ ଓ୍ୱିକେଟ୍ ସଫଳତା ମିଳିଥିଲା ।

### ଜେକେଏସି କ୍ଲବର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସୁତେଇ ଏଫ୍‌ସି ଚାମ୍ପିଅନ୍

ନୀଳଗିର,୧୮।୧୦ (ସବ୍ୟୁ): ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତରେ ଥିବା ତରେଲେଡିହି ପଡ଼ିଆରେ ଜୁମିଦ ଖେରୱାଲ ଆଥଲେଟିକ କ୍ଲବ ପକ୍ଷରୁ ୩୩ତମ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ୪ର୍ଥ ଶାନ୍ତ୍ୱନାମୂଳକ ପୁରସ୍କାର ବିଜେତା ଦଳ ଜଙ୍ଗଲ ଟାଇଗର ତୁଳଶିଡ଼ିଆକୁ ୭ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦିଆଯାଇଥିଲା । ଫାଇନାଲ ମ୍ୟାଚରେ ମୟୁରଭଞ୍ଜ ବୈଶିଙ୍ଗା ଦବଙ୍ଗ ଇଲେଭେନ୍‌କୁ ୫-୪ ଗୋଲରେ ସୁତେଇ ଏଫ୍‌ସି ଦଳ ହରାଇ ଚାମ୍ପିଅନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଚମ୍ପିୟନ ଦଳକୁ ୫୦ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଥିଲେ । ଏହି ଖେଳ ପରିଚାଳନାରେ କ୍ଲବର ସମ୍ପାଦକ ଗୋବିନ୍ଦ ମାଝୀ, ଅଧ୍ୟକ୍ଷ ଭରତ



ଚନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ପଙ୍କଜ କୁମାର ମାଝୀ, ଶରତ ଚନ୍ଦ୍ର ମାଝୀ, ରଘୁନାଥ ମାଝୀ, ସଦାଶିବ ମାଝୀ, ବାଇଧର ମାଝି, ଫାଗୁରାମ ମାଝିଙ୍କ ସମେତ ଜେକେଏସ

### ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ୍

## ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ




ଭୁବନେଶ୍ୱର,୧୮।୧୦ (ସବ୍ୟୁ): ରାଜସ୍ଥାନର ଉଦୟପୁରଠାରେ ଜାତୀୟ ଭିନ୍ନକ୍ଷମ ଟି-୨୦ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ହ୍ୟାଟ୍ରିକ୍ ବିଜୟ ହାସଲ କରିଛି । ତୃତୀୟ ମ୍ୟାଚରେ ଓଡ଼ିଶା ୨ ଓ୍ୱିକେଟ୍‌ରେ ତାମିଲନାଡୁକୁ ଧରାଶାୟୀ କରିଥିଲେ । ଏହି ମ୍ୟାଚରେ ତାମିଲନାଡୁ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୫୮ ରନ୍ କରିଥିଲା । ଜବାବରେ ଓଡ଼ିଶା ୧୮.୪ ଓଭରରେ ୮ ଓ୍ୱିକେଟ୍ ହରାଇ ୧୬୧ ରନ୍ କରି ବିଜୟ ହାସଲ କରିଥିଲା । ଅକ୍ଷୟ କୁମାର ସାହୁ ୨୬ ବଲରୁ ୪୨ ରନ୍ କରିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଟ୍ରଫି ସହ ୧୧,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଶନିବାର ଓଡ଼ିଶା ଦଳ ପଶ୍ଚିମବଙ୍ଗକୁ ଭେଟିବ । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଫର ଫିଜିକାଲ ଚ୍ୟାଲେଞ୍ଜ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଲା ଜୈୟସ୍ୱାଲ, ଉପସଭାପତି ମଣ୍ଟୁ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟକୋଚ ମହମ୍ମଦ ଅଜର ବିଜେତା ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

## ପାଲଲହଡା କପ ଉଦଘାଟିତ: ଉଦଘାଟନୀ ମ୍ୟାଚରେ କଟକ ଏକାଦଶ ବିଜୟୀ



ପାଲଲହଡା,୧୮।୧୦ (ସବ୍ୟୁ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗଜଲକ୍ଷ୍ମୀ ପୂଜା ଅବସରରେ ପାଲଲହଡା ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ରାଜ୍ୟସ୍ତରୀୟ ପାଲଲହଡା କପ ୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟ । ଉଦଘାଟନୀ ମ୍ୟାଚରେ କଟକ ଏକାଦଶ ସମ୍ବଲପୁର ଏକାଦଶକୁ ଭେଟିଥିଲା । ଏହି ଉଦଘାଟନୀ ମ୍ୟାଚ ଖୁବ ରୋମାଞ୍ଚକର ଓ ଚିତାକର୍ଷକ ଥିଲା । କଟକ ଏକାଦଶ ସମ୍ବଲପୁର ଏକାଦଶ କୁ ୩-୨ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି । ମ୍ୟାଚକୁ ରେଫରୀ ଦିଲ୍ଲୀପ କୁମାର ରାଉତ ପରିଚାଳନା କରିଥିଲାବେଳେ ତାଙ୍କୁ ସହାୟତା ପ୍ରଦାନ କରିଥିଲେ ଅନ୍ୟତମ ରେଫରୀ ଜିତେନ୍ଦ୍ର କୁମାର ସେନାପତି, ସଲିଳ କୁମାର ବେହେରା ଓ ଭୋଲେଶ୍ୱର ଗାଗରାଇ ପ୍ରମୁଖ । ଉଦଘାଟନୀ ମ୍ୟାଚକୁ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଖେଳର ଉଦଘାଟନ କରିଥିଲାବେଳେ ଅନ୍ୟତମ ଅତିଥି ଭାବେ ବିଜେପିର ବରିଷ୍ଠ ନେତା ବରିଷ୍ଠ ଆଇନଜୀବୀ ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ନିଜିଗଡ଼ ସମିତି ସଭ୍ୟା ଗୌରୀ ପ୍ରମୁଖ ଯୋଗଦେଇଥିଲେ । ଆୟୋଜକ କମିଟିର ଅଧ୍ୟକ୍ଷ ସୁଧାଂଶୁ କପର୍ଦାର ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଉଦଘାଟନୀ ମ୍ୟାଚରେ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ପ୍ରତ୍ୟେହ ଅପରାହ୍ନ ୩ଟା ସମୟରେ ପାଲଲହଡା ଷ୍ଟାଡିୟମ ପରିସରରେ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଶନିବାର ମ୍ୟାଚ ସୋନପୁର ଏକାଦଶ ଓ ସୁନ୍ଦରଗଡ଼ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିଙ୍କ ସୂତ୍ରରୁ ପ୍ରକାଶ ।

## ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତା, ବାଲୁଗାଁ ଚାମ୍ପିଅନ



ବାଲୁଗାଁ,୧୮।୧୦ (ସବ୍ୟୁ): ବାଲୁଗାଁ ଗୋପବନ୍ଧୁ ନଗର ସ୍ଥିତ ମା ମଙ୍ଗଳା କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ସ୍ତରୀୟ ଏକ ଦିବସୀୟ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ମୋଟ ୨୪ ଗୋଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ବାଲୁଗାଁର ସୁରଜିତ ନାୟକ ଓ ସାଗର ବେହେରା ପୁରୀର ଅମୀୟ ଓ ପିଙ୍କୁଙ୍କୁ ହରାଇ ଚମ୍ପିୟାନ ହୋଇଥିଲେ । ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଦୀପକ ନାୟକ ଏବଂ ଅଧ୍ୟାପକ ଅଜିତ କୁମାର ଦାସ ଯୋଗ ଦେଇ ଚାମ୍ପିୟନ ଟିମକୁ ନଗଦ ୨୨ହଜାର ଟଙ୍କା ଓ ରନର୍ସ ଟିମକୁ ନଗଦ ୧୩ହଜାର ଟଙ୍କା ସହ କପ ପ୍ରଦାନ କରିଥିଲେ ।ଏଥି ସହ ଦ୍ୱିତୀୟ ରନର୍ସ ଟିମ ନିରାକାରପୁରର ପ୍ରଫୁଲ୍ଲ ମହାପାତ୍ର ଏବଂ ଲିଙ୍ଗରାଜଙ୍କୁ ୭ ହଜାର ଓ କପ ପୁରସ୍କୃତ କରାଯାଇଥିଲା ।କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି